RNI No.ODIODI/2010/33031
୧୬ ବର୍ଷ Volume-16
ISSUE -303 ସଂଖ୍ୟା-୩୦୩
ଭୁବନେଶ୍ୱର, ବୁଧବାର ୧୮ ଫେବୃଆରୀ ୨୦୨୬
Bhubaneswar, Wednesday 18 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୨୦୩୬ ଓ ୨୦୪୭ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର,୧୭।୨(ନି.ପ୍ର.): ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପତି। ଅଭିଭାଷଣରେ ସେ କହିଛନ୍ତି, 'ସମୃଦ୍ଧ ଓଡିଶା ଗଠନ ପାଇଁ ମୋ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ। ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ୍ ହେବ ଓଡିଶା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରୁ ଓଡିଶାକୁ ବଡ ପ୍ରକଳ୍ପ ମିଳୁଛି। ୨୦୩୬ ମସିହାରେ ଓଡିଶା ଗଠନକୁ ଶହେ ବର୍ଷ ପୂରିବ । ଓଡିଶା ଆତ୍ମନିର୍ଭର

## ରାଜ୍ୟପାଳଙ୍କ ଅଭିଭାଷଣ

ଭାରତରେ ସେମି କଣ୍ଡକ୍ଟର ହବ୍ ହେବ। ୨୦୩୬ ଓ ୨୦୪୭ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି।'

ଆଜିଠାରୁ ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବା ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୮ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୮ଟି କାର୍ଯ୍ୟ ଦିବସ ରହିଛି। ତେବେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଆଜି ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଏହା ଫେବ୍ରୁଆରି ୨୪ ଯାଏଁ ଚାଲିବ। ଫେବ୍ରୁଆରି ୨୦ରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ତେବେ ରାଜ୍ୟପାଳ ଆଜି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ।

ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ କମାଇବା, ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ଆୟୁ ସୀମାକୁ ୮୦ରୁ ଅଧିକ କରିବା ପାଇଁ ଟାର୍ଗେଟ ରଖାଯାଇଛି । ସେହିପରି ସୁଭଦ୍ରା ଶକ୍ତି ମେଳା ୨୦୨୫ରେ ୮.୮୯ କୋଟି ଟଙ୍କା ରୋଜଗାର ହୋଇଥିବା ବେଳେ ୯୧୮ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସେହିଭଳି ନଭେମ୍ବର ୨୦୨୫ରେ ଏହାର ଦ୍ୱିତୀୟ ସଂସ୍କରଣରେ ୧୨ କୋଟି ଟଙ୍କା ରୋଜଗାର ହୋଇଥିବାବେଳେ ୩୨୮ ଲକ୍ଷପତି ଦିଦି ଓ ୧୦ ଜଣ ମହାଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି।

ରାଜ୍ୟପାଳ କହିଛନ୍ତି ଯେ ମୋ ସରକାର, ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି, ୨୦୨୪-୨୫ରେ ୧୫୦.୪୮ ଲକ୍ଷ ମେଟ୍ରିକ୍ ଟନ୍ ? ଫସଲ ଉତ୍ପାଦନ ହାସଲ କରିଛି, ଯାହାକି ୨୦୦୦-୦୧ରେ ରେକର୍ଡ ହୋଇଥିବା ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ । ସେହିପରି ବାହ୍ୟ ମଳମୁକ୍ତ ତ୍ୟାଗ ପାଇଁ ୭୪୩ରୁ ଅଧିକ ଗୋଷ୍ଠୀ ଶୌଚାଳୟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୧୫ ସୁଦ୍ଧା ୯୬% ଗ୍ରାମକୁ ଓଡ଼ିଏଫ ପ୍ଲସ ଏବଂ ୪୪୮୬୨ ରୁ ଅଧିକ ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି ।

ସେହିପରି ୨୦୭ଟି ବୃହତ ପାଇପ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୬ଟି ସମ୍ପୂର୍ଣ୍ଣ ହୋଇଛି, ୧୮୧ ଟି



ନିର୍ମାଣଧୀନ ରହିଛି, ଅନ୍ୟ ୧୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏପର୍ଯ୍ୟନ୍ତ ପ୍ରାୟ ୩.୧୨ ଲକ୍ଷ ହିତାଧିକାରୀଙ୍କ ଇ-କେଓ୍ୱାଇସି ଅର୍ଥାତ ପ୍ରାୟ ୯୬% ସଫଳତାର ସହ ସମାପ୍ତ ହୋଇଛି । ନୂତନ ରାସନ କାର୍ଡ ପାଇଁ ରାଜ୍ୟରେ ୧୫ ଲକ୍ଷ ଆବେଦନ ଗ୍ରହଣ କରାଯାଇଛି । ଏପର୍ଯ୍ୟନ୍ତ ୩.୨୩ ଲକ୍ଷ ଯୋଗ୍ୟ ପରିବାରର ୬.୪୦ ଲକ୍ଷ ନୂତନ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ୧ ଜୁନ୍ ୨୦୨୪ରୁ ୧୫ ଡିସେମ୍ବର ୨୦୨୫ ମଧ୍ୟରେ ୧୩୩୫୮ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୧୨୫୯୨ଟିର ସମାଧାନ କରାଯାଇଛି। ଯାହା କି ୯୪% ।

ସମ୍ବଲପୁରରେ ଗୋଟିଏ ଅଭିଯୋଗ ଶୁଣାଣି ସମେତ ୧୫ ଡିସେମ୍ବର ୨୦୨୫ ସୁଦ୍ଧା ୧୫ଟି ଅଭିଯୋଗ ଶୁଣାଣି ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ୧ ଲକ୍ଷ ୮୮ ହଜାର ପକ୍କା ଘର ନିର୍ମାଣ କରିଛନ୍ତି ରାଜ୍ୟ ସରକାର । ସେହିପରି ଅନ୍ତୋଦୟ ଗୃହ ଯୋଜନାରେ ୩୩ ହଜାର ୯ଟି ପକ୍କା ଘର ନିର୍ମାଣ ହୋଇଛି । ରାଜ୍ୟପାଳ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟ ମାସିକ ୧.୮୮ ଲକ୍ଷ ମେଟ୍ରିକ ଟନ ଚାଉଳ କେନ୍ଦ୍ରରୁ ପାଉଛି । ରାଜ୍ୟର ୧୧୭୨୫ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୨.୯୧ ଲକ୍ଷ ପ୍ରାଥମିକ ପରିବାର ହିତାଧିକାରୀ, ୧୨.୩୬ ଲକ୍ଷ ପରିବାରକୁ ଅନ୍ତୋଦୟ ଯୋଜନାରେ ବଣ୍ଟନ କରାଯାଉଛି ।

ଏହା ବାଦ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୧.୧୫ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରି ୫ କିଲୋଗ୍ରାମ ଚାଉଳ ପ୍ରଦାନ କରୁଛନ୍ତି । ପିଏମ କିସାନ ଓ ସିଏମ କିସାନ ମାଧ୍ୟମରେ ପ୍ରତିବର୍ଷ ତିନୋଟି ସମାନ କିସ୍ତିରେ ୬୦୦୦ ଟଙ୍କା ହସ୍ତାନ୍ତର କରାଯାଉଛି । ୧୯ ନଭେମ୍ବର ୨୦୨୫ରେ ପ୍ରଦାନ କରାଯାଇଥିବା ୨୧ ତମ କିସ୍ତିରେ ୩୪.୧୩ ଲକ୍ଷ ହିତାଧିକାରୀ ସହାୟତା ପାଇଥିବାବେଳେ ସିଏମ କିସାନରେ ୨୯୯୧ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରାଯାଇଛି । ଫଳରେ ୩୨୩୬ ଜଣ ଚଠଞଏ ଚାଷୀ ଏବଂ ୩୧୬୯୫ ଜଣ ସହରାଞ୍ଚଳ ଚାଷୀ ସମେତ ୫୧.୫୪ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି ।

୨୦୪୭ ସୁଦ୍ଧା ମୁଣ୍ଡ ପିଛା ଆୟ ୩୨ ଲକ୍ଷ କରିବାକୁ ଯୋଜନା କରାଯାଇଛି। ସରକାର ସହରୀ ବିକାଶ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ରାସ୍ତା ଗୁଡିକର ଆଧୁନିକୀକରଣ କରାଯାଉଛି। ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ଫ୍ଲାଏଓଭର ହେବ। ଭିତ୍ତିଭୂମି ସୁଦୃଢ କରିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା। ବହୁମୁଖୀ ଦାରିଦ୍ରକୁ ୫ ପ୍ରତିଶ୍ରତକୁ ହ୍ରାସ କରିବା ଆମର ଟାର୍ଗେଟ୍। ମହିଳା ଶ୍ରମ ଶକ୍ତିକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ। ଆୟୁ ସୀମା ୮୦ରୁ ଅଧିକ କରିବା ଓ କୁପୋଷଣ ଦୂର କରିବା। ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ ହ୍ରାସ କରିବା, ମହିଳା ଶ୍ରମ ଶକ୍ତିକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ରାଜ୍ୟରୁ ଅପପୃଷ୍ଟି ଓ ରକ୍ତହୀନତା ଦୂର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ସେହିପରି ଭିତ୍ତିଭୂମି ସୁଦୃଢ କରିବାକୁ ମଧ୍ୟ ସରକାର ପ୍ରତିଶୃତିବଦ୍ଧ' ବୋଲି କହିଛନ୍ତି ରାଜ୍ୟପାଳ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୁରୁବାର ପର୍ଯ୍ୟନ୍ତ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ୍ ଉପସ୍ଥାପନ କରିବେ। ତେଣୁ ସବୁ ଦୃଷ୍ଟିରୁ ଦେଖିଲେ ଚଳିତ ଅଧିବେଶନ ଉଭୟ ଶାସକ, ବିରୋଧୀ ଏବଂ ଜନସାଧାରଣଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି।

# ଦାଢ଼ି କାଟି ଛଦ୍ମବେଶରେ ବୁଲୁଛି ଜୈଶ କମାଣ୍ଡର !

ଶ୍ରୀନଗର,୧୭।୨(ନି.ପ୍ର.): ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରାପ୍ତ ସୂଚନା ଅନୁଯାୟୀ, ଜୈଶ-ଏ-ମହମ୍ମଦ ସଦସ୍ୟଙ୍କ ଏକ ଗୋଷ୍ଠୀ ଅନ୍ତର୍ଜାତୀୟ ସୀମା ପାର କରି ସଫଳତାର ସହ ଭାରତରେ ଅନୁପ୍ରବେଶ କରିଛନ୍ତି। ଏନେଇ ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି ହୋଇଛି। ମଙ୍ଗଳବାର ସକାଳେ କଠୁଆ ଓ ସାମ୍ବା ଜିଲ୍ଲାରେ ସୁରକ୍ଷା ବାହିନୀଙ୍କୁ ମୁତୟନ କରାଯାଇଛି।

ସୁରକ୍ଷା ବାହିନୀ ଏହି ଆତଙ୍କବାଦୀଙ୍କ ପରିବର୍ତ୍ତିତ ରୂପ ବିଷୟରେ ବିଶେଷ ସତର୍କ ଅଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ସାର୍ବଜନୀନ ସ୍ଥାନରେ ଆତଙ୍କବାଦୀଙ୍କ ଫଟୋ ଥିବା ପୋଷ୍ଟର ଲଗାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କୁ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ ଅପିଲ୍ କରିଛନ୍ତି।

ସତର୍କତାର କେନ୍ଦ୍ରରେ ଅଛି ଜୈଶ କମାଣ୍ଡର ସୈଫୁଲ୍ଲା ବଲୋଚ୍। ସୁରକ୍ଷା ବାହିନୀ ପାଖରେ ଇନପୁଟ୍ ଅଛି ଯେ, ବଲୋଚ୍ ନିଜର ପରିଚୟ ଲୁଚାଇବା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିପାରିବ। ଗୁଇନ୍ଦା ସୂଚନା ଅନୁଯାୟୀ ସୁରକ୍ଷା ନଜରରୁ ବଞ୍ଚିବା ପାଇଁ ବଲୋଚ୍ ନିଜ ଦାଢ଼ି କାଟି ଥାଇପାରେ । ଡୋଡା ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରକାଶିତ ପୋଷ୍ଟରରେ ବଲୋଚ୍ ?ର ଦୁଇଟି ଫଟୋ ଦେଖାଯାଇଛି। ଗୋଟିଏ ଦାଢ଼ି ସହିତ ଏବଂ ଅନ୍ୟଟି ବିନା ଦାଢ଼ିର ଫଟୋ ରହିଛି। ଏହି ରଣନୀତି ଏପରି ଭାବରେ ପ୍ରସ୍ତୁତ କରାଯାଉଛି, ପରିବର୍ତ୍ତିତ ରୂପ ସତ୍ତ୍ୱେ ତାକୁ ସାର୍ବଜନୀନ ସ୍ଥାନରେ ଚିହ୍ନଟ କରାଯାଇପାରିବ।

ଅନ୍ତର୍ଜାତୀୟ ସୀମାରେ ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ବୃଦ୍ଧି କରାଯାଇଛି। ଡ୍ରୋନ୍ ଓ ଅନ୍ୟାନ୍ୟ ଆକାଶ ମାର୍ଗ ଯନ୍ତ୍ରପାତି ଦ୍ୱାରା ସମ୍ବେଦନଶୀଳ ଅଞ୍ଚଳ ତଥା ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ନଜର ରଖାଯାଇଛି। ବିଶେଷକରି ଅନୁପ୍ରବେଶ ପ୍ରବଣ ରାସ୍ତାଗୁଡ଼ିକରେ ପାଦଚଲା ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ଆତଙ୍କବାଦୀମାନେ ଯେପରି ସ୍ଥାନୀୟ ସମର୍ଥନ ନ ପାଆନ୍ତି ତଥା ସେମାନଙ୍କ ଆକ୍ରମଣ ଯୋଜନାକୁ ପଣ୍ଡ କରିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ସୀମାନ୍ତ ଗ୍ରାମଗୁଡ଼ିକରେ ସତର୍କତା ବୃଦ୍ଧି କରି ସଜାଗ ରହିଛନ୍ତି।

# ରାଜଧାନୀରେ ଡବଲ୍ ଲୁଟ୍

ଭୁବନେଶ୍ୱର,୧୭।୨(ନି.ପ୍ର.): ଏଣିକି ରାଜଧାନୀ ରାସ୍ତାରେ ଚାଲିବାକୁ ଡର ଲାଗୁଛି । ରାଜଧାନୀ ବାସିନ୍ଦା ଘରୁ ବାହାରିଲେ ଲୁଟର ଶୀକାର ହେଉଛନ୍ତି । ସେ ସକାଳ ସମୟ ହେଉ କିମ୍ବା ଦ୍ୱିପହର କିମ୍ବା ରାତି କେତେବେଳେ ଆଉ ରାଜଧାନୀବାସିନ୍ଦା ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି । ଆଜି ଗୋଟିଏ ଦିନରେ ଭୁବନେଶ୍ୱରରେ ଦୁଇଟି ଦୁଇଟି ଲୁଟ୍ ହୋଇଛି । ପ୍ରଥମେ ଜଣେ ପୋଲିସ ଅଧିକାରୀଙ୍କ ବୃଦ୍ଧା ମାଙ୍କ ବେକରୁ ଲୁଟେରା ଚେନ୍ ଝାମ୍ପି ନେଇଥିବାବେଳେ ଦିନ ଦ୍ୱିପ୍ରହରରେ ଗୋଟିଏ ଗହଣା ଦୋକାନରୁ ଲୁଟ୍ ହୋଇଛି ।



ଆଜି ସକାଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ପୋଲିସ ଅଧିକାରୀଙ୍କ ମା'ଙ୍କ ବେକରୁ ଲୁଟେରା ସୁନା ଚେନ୍ ଝାମ୍ପି ନେଇଛନ୍ତି । ସକାଳ ସମୟରେ ପ୍ରାତଃ ଭ୍ରମଣରୁ ଆସିବା ବେଳେ ମହିଳାଙ୍କ ବେକରୁ ଚେନ୍ ଝାମ୍ପି ନେଇଛନ୍ତି । ଲୁଟ୍ ? ସମୟର ଦୃଶ୍ୟ ସିସିଟିଭିରେ କଏଦ୍ ? ହୋଇଛି । ଏ ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଛି ।

ଅନ୍ୟପକ୍ଷରେ ଦିନ ପ୍ରାୟ ଗୋଟାଏ ସମୟରେ ଗ୍ରାହକ ବେଶରେ ସାଜି ଲୁଟି ନେଇଛନ୍ତି ଲୁଟେରା । ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ଲୁଟ୍ କରିଛନ୍ତି । କଳିଙ୍ଗ ବିହାର ଶୁଭଲକ୍ଷ୍ମୀ ଜୁଏଲର୍ସକୁ ଜଣେ ବ୍ୟକ୍ତି ଗ୍ରାହକ ସାଜି ପ୍ରବେଶ କରିଥିଲେ । ମୁହଁ ମାସ୍କ ଥିଲା । ଭଉଣୀ ବାହାଘର ପାଇଁ ଗହଣା ନେବାକୁ ଦୋକାନୀଙ୍କୁ କହିଥିଲେ । ପ୍ରଥମେ ମହିଳା ଏବଂ ପୁରୁଷର ମୁଦି ଏବଂ ଚେନ୍ ଦେଖିଥିଲେ । ପୁଣି ନିଜ ପାଇଁ ମଧ୍ୟ ମୁଦି ଦେଖିଥିଲେ । ଏହା ପରେ କହିଥିଲେ ଯେ ଘର ଲୋକ ଆସୁଛନ୍ତି ଆସିକି ଦେଖି ସାରିଲେ ଟଙ୍କା ଦେଇ ଚେନ୍ ନେବେ । ଏହାରି ମଧ୍ୟରେ ଦୋକାନୀଙ୍କୁ ହିସାବ କରିବାକୁ କହିଥିଲେ । ଦୋକାନୀ ହିସାବ କରୁଥିବା ସମୟରେ ହାତରେ ମୁଦି ଧରି ଦୋକାନୀଙ୍କ ମୁହଁକୁ 'ପେପର୍ ସ୍ପ୍ରେ' (ଗୋଲ ମରିଚ ଗୁଣ୍ଡ ସ୍ପ୍ରେ) ମାରିଥିଲେ । ଦୋକାନୀଙ୍କ ଆଖିରେ ପ୍ରବଳ ଯନ୍ତ୍ରଣା ହେବା ସମୟରେ ମୁଦି ଧରି ଚମ୍ପଟ୍ ମାରିଥିଲେ । ଦୋକାନୀ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି ।

ସେପଟେ ଗୋଟିଏ ଦିନରେ ଏଭଳି ଦୁଇ ଦୁଇଟି ଲୁଟ୍ ଭୁବନେଶ୍ୱର କମିଶନରେଟ୍ ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ପୋଲିସ ପାରିବା ପଣିଆ ଉପରେ ଏବେ ସାଧାରଣରେ ପ୍ରଶ୍ନ ଉଠିଛି ।

# ଆଜିଠୁ ଯୁକ୍ତ ୨ ପରୀକ୍ଷା

## ପ୍ରଥମ ଥର ପାଇଁ ଜିପିଏସ ବ୍ୟବସ୍ଥାରେ ପଠାଗଲା ପ୍ରଶ୍ନପତ୍ର ଓ ଉତ୍ତରଖାତା

ଭୁବନେଶ୍ୱର,୧୭।୨(ନି.ପ୍ର.): ରାତି ପାହିଲେ +୨ ପରୀକ୍ଷା। ଚଳିତ ବର୍ଷ ରାଜ୍ୟରେ ମୋଟ ୪ଲକ୍ଷ ୧ହଜାର ୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିରେ ରେଗୁଲାରରେ ୩ ଲକ୍ଷ ୭୬ ହଜାର ୫୩୫ ଓ ଏକ୍ସ-ରେଗୁଲାରରେ ୨୫ ହଜାର ୮୮ ଜଣ ଛାତ୍ରଛାତ୍ରୀ ଅଛନ୍ତି। ରାଜ୍ୟର ୨୧୧ଟି ପରୀକ୍ଷା ହବ୍‌କୁ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚାଇ ଦିଆଯାଇଛି।

ଆସନ୍ତାକାଲି ମୋଟ ୧୩୬୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। କପି ରୋକିବା ସହ ନକଲମୁକ୍ତ ପରୀକ୍ଷା ପାଇଁ ୫ଟି ସ୍ତରରେ ୧୦୨ଟି ସ୍କ୍ୱାର୍ଡ ଟିମ୍ ଗଠନ କରାଯାଇଛି, ଯେଉଁମାନେ ହଠାତ୍ ପରୀକ୍ଷା କେନ୍ଦ୍ର ପହଞ୍ଚି ଯାଞ୍ଚ କରିବେ। ଏଥର ପ୍ରଥମ ଥର ପାଇଁ ଜିପିଏସ୍ ବ୍ୟବସ୍ଥାରେ ପ୍ରଶ୍ନପତ୍ର ଓ ଉତ୍ତରଖାତା



ପଠାଯାଇଛି। ସମସ୍ତ ହବ୍‌ରେ ୨୪X୭ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛି। ଏହାର ସିଧାସଳଖ ନିୟନ୍ତ୍ରଣ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ରହିଛି, ଯାହା ମାଧ୍ୟମରେ ପରୀକ୍ଷା ପ୍ରକ୍ରିୟାକୁ ତଦାରଖ କରିହେବ।

# ଆସନ୍ତା ମାସରେ ଓଡିଶା ଆସିବେ କେନ୍ଦ୍ରଗୃହ ମନ୍ତ୍ରୀ

ଭୁବନେଶ୍ୱର,୧୭।୨(ନି.ପ୍ର.): : ଆସନ୍ତା ମାସରେ ଓଡିଶା ଆସିବେ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ମାର୍ଚ୍ଚ ୭ରେ ଅମିତ ଶାହ ଓଡିଶା ଆସିବେ ବୋଲି ସୂଚନା ମିଳିଛି। ଶାହ ଓଡିଶାକୁ ଦିନିକିଆ ଗସ୍ତରେ ଆସିବେ। ତେବେ ତାଙ୍କ ଗସ୍ତ କାଳରେ ସେ ଦୁଇଟି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ମିଳିଛି। କଟକ ମୁଣ୍ଡଳି ଯାଇ ସିଆରପିଏଫ୍ ପ୍ରତିଷ୍ଠା ଦିବସରେ ଯୋଗ ଦେବେ। ଏହାସହିତ ନକ୍ସଲ ଦମନ ଓ ଭାରତୀୟ ନ୍ୟାୟ ସଂହିତାର ସମୀକ୍ଷା କରିପାରନ୍ତି ଅମିତ ଶାହ।

# ମାଟ୍ରିକ ପିଲାଙ୍କ ପାଇଁ ବଢ଼ିଲା ପ୍ରବେଶ ସମୟ

ଭୁବନେଶ୍ୱର,୧୭।୨(ନି.ପ୍ର.): ଚଳିତ ବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରବେଶ ଅବଧିକୁ ବୃଦ୍ଧି କରାଯାଇଛି । ଏଣିକି ୯ଟା ୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଅନୁମତି ମିଳିବ । ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

ପୂର୍ବରୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଛାତ୍ରଛାତ୍ରୀଙ୍କ ପାଇଁ ୯ଟା ୧୫ ମିନିଟ୍ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଆଉ ୧୫ ମିନିଟ୍ ସମୟ ବୃଦ୍ଧି କରାଯାଇଛି । ଅର୍ଥାତ ପରୀକ୍ଷାର୍ଥୀମାନେ ୯ଟା ୩୦ ପର୍ଯ୍ୟନ୍ତ ପ୍ରବେଶ କରିପାରିବେ ବୋଲି



ସଭାପତି କହିଛନ୍ତି । ତେବେ ପରୀକ୍ଷା ସମୟରେ ଯଦି କେହି କପି ଯୋଗାନ୍ତି କିମ୍ବା କୌଣସି ଅନିୟମିତତା କରୁଥିବା ନଜରକୁ ଆସେ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ବୋର୍ଡ ସଭାପତି ।

ଆସନ୍ତା ୧୯ ତାରିଖରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ । ଚଳିତ ବର୍ଷ ରାଜ୍ୟର ୩୦୮୨ ସେଣ୍ଟରରେ ମୋଟ ୫ ଲକ୍ଷ ୬୧ ହଜାର ୯୭୯ ପିଲା ପରୀକ୍ଷା ଦେବେ । ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡାଲ୍ ସେଣ୍ଟର ରହିଛି । କପି ରୋକିବାକୁ ପ୍ରତି ପ୍ରଶ୍ନପତ୍ର ଏବଂ ଉତ୍ତର ଖାତାରେ ୱାଟର୍ ମାର୍କ ଓ କ୍ୟୁଆର୍ କୋଡ୍ ରଖାଯାଇଛି । ଯଦି ଲିକ୍ ହୁଏ ତେବେ ତାହା କେଉଁ ପିଳାର ବୋଲି ଜଣାପଡ଼ିଯିବ । ଚିନ୍ତା ମୁକ୍ତ ହୋଇ ପରୀକ୍ଷା ଦେବାକୁ ଯିବାକୁ ପିଲାଙ୍କୁ ପରାମର୍ଶ ଦେଇଛନ୍ତି ବୋର୍ଡ ସଭାପତି ।

## ଡାହୁକ



-ବିଧୁ

# ତାରିକ ରହମାନ ହେଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ

## ୨୫ ମନ୍ତ୍ରୀ ଓ ୨୪ରାଜ୍ୟମନ୍ତ୍ରୀ ନେଲେ ଶପଥ

ଢାକା,୧୭।୨(ନି.ପ୍ର.): ବାଂଲାଦେଶରେ ଆଜିଠୁ ତାରିକ ରହମାନଙ୍କ ଶାସନ ଆରମ୍ଭ । ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ତାରିକ ରହମାନ । ସେ ଦେଶର ୧୧ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ ଶାସନ ଭାର ଗ୍ରହଣ କରିଛନ୍ତି । ସାଧାରଣ ନିର୍ବାଚନରେ ଏକ ବିରାଟ ବିଜୟ ସହିତ, ସେ ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ମହମ୍ମଦ ୟୁନୁସଙ୍କ ସ୍ଥାନରେ କାର୍ଯ୍ୟ କରିବେ।

ଶପଥ ଗ୍ରହଣ ସମାରୋହ ଆଜି ଅପରାହ୍ନ ୪ଟାରେ ଢାକାର ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ତାଙ୍କୁ ଶପଥ ପାଠ କରାଇଥିଲେ। ତାରିକଙ୍କ ସହିତ ନୂତନ ସରକାରଙ୍କ ମନ୍ତ୍ରିମଣ୍ଡଳ ମଧ୍ୟ ଶପଥ ଗ୍ରହଣ



କରିଥିଲେ। ଏଥିରେ ଡକ୍ଟର ଖଲିଲୁର ରହମାନ (ବୈଦେଶିକ ମନ୍ତ୍ରୀ), ସଲାହୁଦ୍ଦିନ ଅହମ୍ମଦ (ସ୍ୱରାଷ୍ଟ୍ର ମନ୍ତ୍ରୀ), ଡକ୍ଟର ଆମିର ଖସରୁ ମହମୁଦ (ଅର୍ଥ ଏବଂ ଯୋଜନା ମନ୍ତ୍ରୀ) ଏବଂ ଶାମା ଓବୈଦ (ବୈଦେଶିକ ରାଷ୍ଟ୍ରମନ୍ତ୍ରୀ) ସାମିଲ ଥିଲେ।

ଶପଥ ଗ୍ରହଣ ସମାରୋହ ପାଇଁ ବିଶ୍ୱର ବିଭିନ୍ନ ଦେଶକୁ ନିମନ୍ତ୍ରଣ କରାଯାଇଥିଲା। ଭାରତ ପକ୍ଷରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଉତ୍ସବରେ ଯୋଗଦେବା ପାଇଁ ଢାକାରେ ପହଞ୍ଚିଥିଲେ, ଯେଉଁଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହା ବ୍ୟତୀତ, ମାଲେସିଆର ପ୍ରଧାନମନ୍ତ୍ରୀ, ପାକିସ୍ତାନ, ମାଳଦ୍ୱୀପ, ତୁର୍କୀ ଏବଂ ଶ୍ରୀଲଙ୍କାର ପ୍ରତିନିଧିମାନେ ଉତ୍ସବରେ ଉପସ୍ଥିତ ଥିଲେ। ଚୀନ୍, ସାଉଦି ଆରବ, ୟୁଏଇ ଏବଂ ବ୍ରୁନେଇକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା।

କ୍ୟାବିନେଟ ମନ୍ତ୍ରୀମାନେ ଅନ୍ତର୍ଭୁକ୍ତ:

ମିର୍ଜା ଫଖରୁଲ ଇସଲାମ ଆଲାମଗିର, ଆମିର ଖୋଶରୁ ମହମୁଦ ଚୌଧୁରୀ, ସାଲାହୁଦ୍ଦିନ ଅହମ୍ମଦ, ଇକବାଲ ହାସନ ମହମୁଦ, ମେଜର (ଅବସର ମିନୁ, ନିତାଇ ରୟ ଚୌଧୁରୀ (ହିନ୍ଦୁ ନେତା), ଖଣ୍ଡକର ଅବଦୁଲ ମୁକତାଦିର, ଆରିଫୁଲ ହକ ଚୌଧୁରୀ, ଜାହିର ଉଦ୍ଦିନ ସ୍ୱପ୍ନ, ମହମ୍ମଦ ଅମିନ ଉର ରସିଦ, ଆଫରୋଜା ଖାନମ ରୀତା, ସହିଦ ଉଦ୍ଦିନ ଚୌଧୁରୀ ଅନି, ଅସଦୁଲ ହବିବ ଦୁଲୁ, ମହମ୍ମଦ ଅସଦୁଜମାନ ଏହସାନୁଲ ହକ ମିଲାନ, ସର୍ଦ୍ଦାର ମହମ୍ମଦ ସାଖୱାଟ ହୋସେନ, ଫାକିର ମହବବ ଅନାମ, ଏବଂ ଶେଖ ରାବିଲ ଆଲାମ ।

# ୧ କୋଟି ମହିଳାଙ୍କୁ ମିଳିବ ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା

ଭୁବନେଶ୍ୱର: ସୁଭଦ୍ରା ମହିଳାଙ୍କ ପାଇଁ ଖୁସି ଖବର। ଆସନ୍ତା ମାର୍ଚ୍ଚ ୮ ତାରିଖରେ ଏକ କୋଟି ମହିଳାଙ୍କୁ ମିଳିବ ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଛନ୍ତି। ଓଡିଶାର ଏକ କୋଟି ମହିଳାଙ୍କୁ ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସରେ ମିଳିବ ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା।ଏକ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫ ହଜାର କୋଟି ଟଙ୍କା ରାଜ୍ୟ ସରକାର ପଠାଇବେ। ଏହା ଘୋଷଣା କରିଛନ୍ତି ମହିଳା ଶିଶୁ ବିକାଶ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। କାକଟପୁର ଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା ମହିଳା ମାନଙ୍କ ଖାତାକୁ ଯିବା ପରେ ଗ୍ରାମୀଣ ଅର୍ଥନୀତିରେ ସାମୁହିକ ବିକାଶ ହେବା ସହ ମହିଳା ମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ଯୋଗାଉଛି।



# ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦଘାଟିତ

ବଲାଙ୍ଗୀର,୧୭।୨:(ମନ୍ଥନ) ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗୀର କନଫରେନ୍ସ ହଲ ଠାରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦଘାଟିତ ହୋଇଯାଇଛି । ଏହି ଆଲୋଚନାଚକ୍ର ଅର୍ଥନୀତି,ଶିକ୍ଷା,ଇଂରାଜୀ ଓ ରାଜନୀତି ବିଜ୍ଞାନ ବିଭାଗ ଙ୍କ ମିଳିତ ସହଯୋଗ ରେ ଆୟୋଜିତ ହୋଇଥିଲା । କଲେଜର ଅଧ୍ୟକ୍ଷ ଡ଼ଃ ଏ.କେ. ଓଝା ସ୍ୱାଗତ ଭାଷଣରେ ସମକାଳୀନ ସାମାଜିକ ସମସ୍ୟାମାନଙ୍କ ସମାଧାନ ପାଇଁ ସମାବେଶୀ ପ୍ରତିନିଧିତ୍ୱ ଓ ଶିକ୍ଷାନୁଷ୍ଠାନମୂଳକ ଆଲୋଚନାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଆଲୋଚନାଚକ୍ର ର ଉଦ୍ଦେଶ୍ୟ ସମ୍ପର୍କରେ ଆବାହକ ସୁଚେତା ଦୋରା ବିସ୍ତୃତ ଭାବେ ଆଲୋଚନା କରିବା ସହ ପ୍ରାନ୍ତୀୟତା,ଦୃଶ୍ୟମାନତା ଓ ସାମାଜିକ ନ୍ୟାୟ ବିଷୟକ ପ୍ରଶ୍ନମାନଙ୍କୁ ବହୁମାତ୍ରିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ । ଡ଼ଃ ଅନୁରାଧା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର ପୂର୍ବତନ ପ୍ରଫେସର କାଳିଦାସ ମିଶ୍ର ମୁଖ୍ୟ ଉପସ୍ଥାପକ ଭାବେ ନିଜ ଭାଷଣରେ ପ୍ରାନ୍ତୀୟକରଣର ଐତିହାସିକ ପରିଣାମ ଓ ଏହାର ସାମାଜିକ ପରିପ୍ରେକ୍ଷ୍ୟ ଉପରେ ଆଲୋକପାତ କରିବା ସହ ସମାନ ଅଧିକାର ସୁନିଶ୍ଚିତ କରିବାରେ ଉଚ୍ଚ ଶିକ୍ଷା ଓ ଗବେଷଣାର ପରିବର୍ତ୍ତନଶୀଳ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ ।ଏହି ଅବସରରେ ଆଲୋଚନାଚକ୍ର ର ସ୍ମରଣିକା ଉନ୍ମୋଚନ କରାଯାଇଥିଲା।ଯଶେଷରେ ଶରଧର ମାଝୀ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମ ରେ ସମାନାନ୍ତର ପ୍ୟାନେଲ ଆଲୋଚନା ଆୟୋଜିତ ହୋଇଥିଲା । ଇଂରାଜୀ ବିଭାଗର ସମାନାନ୍ତର ପ୍ୟାନେଲ ଆଲୋଚନା ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା ।ଡ଼ଃ ଚିନ୍ମୟୀ ନନ୍ଦ ଏକ୍ସଆଇଏମ



ବିଶ୍ୱବିଦ୍ୟାଳୟ,ଡ଼ଃ ପିତାମ୍ବର ବେହେରା,ସରକାରୀ ମହିଳା ମହାବିଦ୍ୟାଳୟ,ସମ୍ବଲପୁର,ଡ଼ଃ ତ୍ୟାଗରାଜ ଠାକୁର,ସିଲିକନ୍ ଇନ୍ଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସମ୍ବଲପୁର, ଡ଼ଃ ମୃଣ୍ମୟ ପ୍ରମାଣିକ, କୋଲକତା ବିଶ୍ୱବିଦ୍ୟାଳୟ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ ।ପ୍ରଫେସର କାଳିଦାସ ମିଶ୍ର ଏହି କାର୍ଯ୍ୟକ୍ରମ ର ଅଧ୍ୟକ୍ଷତା କରିଥିଲେ । ଡ଼ଃ ଅନୁରାଧା ମିଶ୍ର କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ ।ଭାରତୀୟ ସିନେମାରେ ପରିବେଶ ନାରୀବାଦ, ଭାରତୀୟ ସାହିତ୍ୟର ଉପନିବେଶ ମୁକ୍ତ ଦୃଷ୍ଟିକୋଣ ଓ ପ୍ରାନ୍ତୀୟ ସାହିତ୍ୟରେ ପ୍ରତିରୋଧର ସ୍ୱର ଭଳି ବିଷୟରେ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ସାମାଜିକ ବିଜ୍ଞାନ ବିଭାଗର ସମାନାନ୍ତର ପ୍ୟାନେଲ ଆଲୋଚନା ହାଇବ୍ରିଡ୍ ମୋଡ୍ରେ ଆୟୋଜିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ପଣ୍ଡା ଏହାର ଅଧ୍ୟକ୍ଷତା କରିଥିଲେ । ଡ଼ଃ ଭୁବନେଶ୍ୱର ଛତ୍ରିଆ,ଅର୍ଥନୀତି ବିଭାଗ ଅଧ୍ୟକ୍ଷ,ଡ଼ଃ ମନୋଜ କୁମାର ନାଗ,ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ,ଡ଼ଃ ସୁରେଶ ପ୍ରସାଦ ଷଡ଼ଙ୍ଗୀ,ସଞ୍ଜୟ ମେହେର,ଡ଼ଃ ଶୁସାନ୍ତ ସେଠୀ ଓ ଡ଼ଃ ମାନସୀ ମହାନ୍ତି ଏଥିରେ ଅଂଶଗ୍ରହଣ କରିଥିଲେ । ଆମ୍ବେଦକରଙ୍କ ପ୍ରତିନିଧିତ୍ୱ ଦୃଷ୍ଟିକୋଣ,ଓଡିଶାରେ ଆଦିବାସୀ ରାଜନୈତିକ ସଶକ୍ତିକରଣ,ଆର୍ଥିକ ସମାବେଶ ଓ ମାନବ ବିକାଶ ଏବଂ ଖଣି ଅଞ୍ଚଳରେ ପ୍ରାନ୍ତୀୟ ସମୁଦାୟମାନଙ୍କ ସ୍ଥିତି ଉପରେ ଆଲୋଚନା ହୋଇଥିଲା । ପରବର୍ତ୍ତୀ ଟେକ୍ନିକାଲ୍ ସେସନ୍ଗୁଡିକ ଶାରୀରିକ,ହାଇବ୍ରିଡ୍ ଓ ଭର୍ଚୁଆଲ୍ ମୋଡ୍ରେ ଆୟୋଜିତ ହୋଇଥିଲା । ରାଜନୈତିକ ଅଂଶଗ୍ରହଣ ଓ ଶାସନ,ଆର୍ଥିକ ପ୍ରାନ୍ତୀୟତା ଓ ବିକାଶ,ଶିକ୍ଷା ଓ ଲିଙ୍ଗ ସମାବେଶ,ପରିବେଶ ଓ ପ୍ରତିରୋଧ,ନାରୀବାଦ ଓ ମହିଳା ସ୍ୱର ଭଳି ବିଭିନ୍ନ ବିଷୟରେ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ରେଭେନ୍ସା ବିଶ୍ୱବିଦ୍ୟାଳୟ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ,ଖ୍ରୀଷ୍ଟ ମାନୀତ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌ ଓ ଅନ୍ୟାନ୍ୟ ସଂସ୍ଥାରୁ ଆସିଥିବା ଗବେଷକମାନେ ତାଙ୍କର ଗବେଷଣାପତ୍ର ପ୍ରସ୍ତୁତ କରିଥିଲେ । ଗ୍ରାମୀଣ ଓଡିଶାରେ ଭୋଟିଂ ବ୍ୟବହାର,ପଞ୍ଚାୟତି ରାଜରେ ମହିଳାଙ୍କ ସଶକ୍ତିକରଣ,କୃଷି ସଙ୍କଟ, ଡିଜିଟାଲ୍ ଆର୍ଥିକ ସମାବେଶର ଅସମତା,ଦରିଦ୍ରତା ଓ ଅସମାନତା,ଶିକ୍ଷାରେ ଜାତିଭିତ୍ତିକ ବିଷମତା,ପରିବେଶୀୟ ବିସ୍ଥାପନ ଓ ଆଦିବାସୀ ପରିଚୟ ଭଳି ବିଷୟରେ ଗଭୀର ଆଲୋଚନା ହୋଇଥିଲା । ପ୍ରଥମ ଦିନର କାର୍ଯ୍ୟକ୍ରମ ସଜୀବ ଆଲୋଚନା ଓ ବିଚାର ବିମର୍ଶ ସହ ଶେଷ ହୋଇଥିଲା । ପ୍ରାନ୍ତୀୟ ସ୍ୱରକୁ ମୁଖ୍ୟ ଧାରାରେ ଆଣି ସାମାଜିକ ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଆଲୋଚନାଚକ୍ର ର ଅଙ୍ଗୀକାର ସ୍ପଷ୍ଟ ହୋଇଥିଲା । ଦେଶର ବିଭିନ୍ନ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନରୁ ଅଧ୍ୟାପକ,ଗବେଷକ ଓ ଛାତ୍ରଛାତ୍ରୀମାନେ ଏହି ଆଲୋଚନାଚକ୍ର ରେ ଯୋଗଦେଇଥିଲେ । ସାଙ୍ଗଠନିକ ସମ୍ପାଦକ ରାଜେଶ କର୍ଣ୍ଣ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ।

## ଗାଁ ଗାଁରେ ଦେଶୀ ମଦର ଅବାଧ କାରବାର
# ନିଶା କାରବାର ରୋକିବାରେ ବିଫଳ ଅବକାରୀ ଥାନା

ଖଣ୍ଡପଡ଼ା,୧୭।୨:(ମନ୍ଥନ)ଚୋରା ମଦ ଓ ବ୍ରାଉନ ନିଶା କାରବାର ରୋକିବା ନିମନ୍ତେ ସ୍ୱତନ୍ତ୍ର ଅବକାରୀ ଥାନା ପ୍ରତିଷ୍ଠା ସହ ଜିଲ୍ଲା ସ୍ତରରେ ଚଢାଉ ପାଇଁ ମୋବାଇଲ ଟିମ ମଧ୍ୟ ଗଠନ ହୋଇଛି । ମାତ୍ର ସବୁ ପରେ ମଧ୍ୟ ଖଣ୍ଡପଡ଼ା ଅଞ୍ଚଳରେ ଚୋରା ଦେଶୀ ମଦ ସହ ନିଶା କାରବାରର ଚେର ଲମ୍ବି ଚାଲିଥିବା ସୂଚନା ମିଳିଛି । ସ୍ଥାନୀୟ ଅବକାରୀ ଥାନା ଅଧୀନରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ୪୨ଟି ପଞ୍ଚାୟତ ସହ ଫତେଗଡ ଓ ଖଣ୍ଡପଡ଼ା ଥାନା ରହିଛି । ସହରାଞ୍ଚଳରେ ଅବକାରୀ ଥାନା ଥିବା ସତ୍ତ୍ୱେ ଗତ ପ୍ରାୟ ୬ ମାସ ମଧ୍ୟରେ ସେପରି କୌଣସି ଆଖିଦୃଶିଆ ଚଢାଉ କିମ୍ବା ଗିରଫଦାରୀ ହୋଇନଥିବା କର୍ମଚାରୀ ମହଲରୁ ସୂଚନା ମିଳିଛି । ଫଳରେ ଦେଶୀ ମଦ, ଗଞ୍ଜେଇ ଚୋରା ଚାଲାଣ ଭଳି ବ୍ରାଉନ ବେପାର ବଢିବାରେ ଲାଗିଛି । ଦୁଇ ବ୍ଲକର ଅଧିକାଂଶ ଅଞ୍ଚଳ ପାହାଡ ଓ ଜଙ୍ଗଲିଆ ହୋଇଥିବାରୁ ଏହାର ସୁଯୋଗ ନେଉଛନ୍ତି ମଦ ବ୍ୟବସାୟୀ । ଜଙ୍ଗଲରେ ଦେଶୀ ମଦ ରନ୍ଧାଯିବା ସହ ତାକୁ ବାଇକ ଯୋଗେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି ମଦ ମାଫିଆ । । ଗତକାଲି ବେଣାଗାଡିଆରେ ମହିଳା ମାନେ ବ୍ରାଉନ ମଦ କାରବାରକୁ ବିରୋଧ କରିରାଜରାସ୍ତାକୁ ଓହ୍ଲାଇବା ପରେ ଅବକାରୀ ବିଭାଗର ପାରିବାପଣିଆ ପଦାରେ ପଡିଛି। ଖଣ୍ଡପଡ଼ା ସହରାଞ୍ଚଳ ସମେତ କିଆଝର, ସିଙ୍ଘାପଡା, ବେଣାଗାଡ଼ିଆ, ବଡବାଣପୁର, ଶିଖରପୁର ଅଞ୍ଚଳରେ ମାଫିଆ ମାନେ ଦେଶୀ ମଦ ଅବାଧ କାରବାର କରୁଥିବା ସୂଚନା ରହିଛି । ଅନ୍ୟପକ୍ଷରେ ଖୋଦ



ସହରାଞ୍ଚଳ ଠାରୁ କେଇ କିମି ଦୂର ଶିଖରପୁର ସାପୁଆ। ସଂରକ୍ଷିତ ଜଙ୍ଗଲ, କିଆଝର ପଞ୍ଚାୟତର ଖଜୁରିଆରେ ବର୍ଷ ବର୍ଷ ଧରି ମାଫିଆ ମାନେ ଦେଶୀ ମଦ ପ୍ରସ୍ତୁତି ସହ କାରବାର ଚଳାଇଥିବା ବେଳେ ଅବକାରୀ ପୁଲିସ ସୂଚନା ନ ପାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ବ୍ରାଉନ ସୁଗାର, ବ୍ରାଉନ କଫ ସିରଫ, ଗଞ୍ଜେଇ, ଭାଙ୍ଗ ଆଦି ନିଶାର କାରବାର ବଢିଥିବା ଜଣାପଡିଛି । ଅବକାରୀ ବିଭାଗ ଅଧିକାରୀ ଓ ଦଲାଲ ମଧୁଚନ୍ଦ୍ରିକା ଏହି କାରବାର ପାଇଁ ବିରାଟ ସୁଯୋଗ ଆଣିଥିବା ସୂଚନା ମିଳିଛି । ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ଗାଁ ଗଣ୍ଡାରେ ଛକାପଞ୍ଝାର ମାହୋଲ ଥିବାବେଳେ ଦେଶୀ ମଦ ଅବାଧ କାରବାର ଚିନ୍ତା ବଢାଇଛି । ଏହାଦ୍ୱାରା ଗାଁ ଗୁଡିକରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହେଲାଣି । ଏ ନେଇ ଖଣ୍ଡପଡ଼ା ଅବକାରୀ ଥାନା ଦାୟିତ୍ୱରେ ଥିବା ଅର୍ପିତା ରାଣୀ ସାହୁଙ୍କ ପ୍ରତିକ୍ରିୟା ନେବାରେ ଏ ଦିଗରେ ପଦକ୍ଷେପ ନେବେବୋଲି କହିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଶିକ୍ଷାବିତ ଅମ୍ରିନ ସାହଦତ୍ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା,୧୭।୨:(ମନ୍ଥନ)ପ୍ରତିବର୍ଷ ପୂର୍ବତନ ବିଧାୟକ ସ୍ୱର୍ଗତ ଇନ୍ଦ୍ରମଣୀ ରାଉତଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ଜଣେ ଶିକ୍ଷାବିତ୍ଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଚଳିତ ବର୍ଷ ସ୍ୱର୍ଗତ ରାଉତଙ୍କ ଶ୍ରାଦ୍ଧବାର୍ଷିକରେ ସମ୍ବର୍ଦ୍ଧିତ ପ୍ରତିଭା କୌଣସି କାରଣରୁ ଅନୁପସ୍ଥିତ ଥିଲେ। ତେଣୁ ସଂସଦ ପକ୍ଷରୁ ସୋମବାର ତାଙ୍କ ଶିକ୍ଷାନୁଷ୍ଠାନରେ ପହଞ୍ଚି ଶିକ୍ଷାବିତ ଅମ୍ରିନ ସାହାଦତ୍ଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ଇନ୍ଦ୍ରମଣୀ ରାଉତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ସୁଶିଲ ସାମଲ, ଶିକ୍ଷାବିତ ଡ. ଚୈତନ୍ୟ ଚରଣ ପରିଡା, ସଂଯୋଜକ ଗୋଲଖ ପଡ଼ିଆରୀ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇ ଅମ୍ରିନ ସାହଦତ୍ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଦୁଇବର୍ଷ ପରେ କବିସୂର୍ଯ୍ୟନଗର ପୌର ପରିଷଦରେ ନୂତନ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ

କବିସୂର୍ଯ୍ୟନଗର,୧୭।୨:(ମନ୍ଥନ)ଦୀର୍ଘ ଦିନର ବ୍ୟବଧାନ ପରେ କବିସୂର୍ଯ୍ୟନଗର ପୌର ପରିଷଦରେ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଯୋଗଦାନ । ସମ୍ବଲପୁର ସାଂସଦ କ୍ଷେତ୍ରର ଦେବଗଡ଼ ପୌର ପରିଷଦ ରେ କାର୍ଯ୍ୟରତ ଥିବ ଦକ୍ଷ ସୁସାଶକ କୃପାସିନ୍ଧୁ ସ୍ୱାଇଁ ଆଜି କବିସୂର୍ଯ୍ୟନଗର ପୌର ପରିଷଦ ରେ ଯୋଗଦାନ ପରେ ବିଭିନ୍ନ ମହଲ ରୁ ଶୁଭେଚ୍ଛା ପ୍ରଦାନ କରିବା ପାଇଁ ପୌର ପରିଷଦ କାର୍ଯ୍ୟଳୟରେ ଭିଡ ଦେଖିବାକୁ ମିଳିଛି । କୃପାସିନ୍ଧୁ ସ୍ୱାଇଁ ଜଣେ



ଦକ୍ଷ ଅଫିସର ଭାବେ ଅନେକ ନାମ ଓ ଖ୍ୟାତି ଅର୍ଜନ କରିଛନ୍ତି । ନିଜର କାର୍ଯ୍ୟ ଦକ୍ଷତା ସହ ପୌର ପରିଷଦର ସ୍ୱଛତାକୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ଥିବା ବେଳେ ଏବେ କବିସୂର୍ଯ୍ୟନଗର ସହର ବାସୀଙ୍କ ରହିଥିବା ସ୍ୱପ୍ନ ପୂରଣ ହେବ ବୋଲି ଆଶା କରାଯାଉଛି । ପ୍ରଥମେ କାର୍ଯ୍ୟଳୟ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁଙ୍କ ସହ କାଉନସିଲ ସଦସ୍ୟ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ପୌର ପରିଷଦର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସେହିପରି ବିଜେପି ମଣ୍ଡଳ ସଭାପତି ଙ୍କ ନେତୃତ୍ୱରେ ବିଜେପି କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟଳୟ ପରିସରରେ ଉପ ଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତଂ ଜଣାଇବା ସହ ସହରର ସମସ୍ୟା ଉପରେ ଅବଗତ କରାଇଥିଲେ ।

# ସ୍କୁଟି ଆଗକୁ କୁଦିଲା ମାଙ୍କଡ଼, ଦୁର୍ଘଟଣାରେ ଦମ୍ପତି ଆହତ

ବୁଗୁଡ଼ା ,୧୭।୨:(ମନ୍ଥନ)ବୁଗୁଡ଼ା-ନୟାଗଡ ୩୩ ନଂ ରାଜ୍ୟ ରାଜପଥର କରଚୁଲିଠାରେ ସ୍କୁଟି ଆଗକୁ ମାଙ୍କଡ଼ କୁଦିପଡିବାରୁ ଦୁର୍ଘଟଣା ଘଟି ଦମ୍ପତି ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ଆହତ ସ୍ୱାମୀ ଓ ସ୍ତ୍ରୀ ଦ୍ୱୟ ହେଲେ ଆସ୍କାର ସୁନିଲ ସାହୁ ଓ ବର୍ଷା ସାହୁ । ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳେ ସ୍ୱାମୀ ଓ ସ୍ତ୍ରୀ ଉଭୟେ ସ୍କୁଟି ଯୋଗେ ଆସ୍କାରୁ ଓଡଗାଁକୁ ଯାଉଥିଲା ବେଳେ କରଚୁଲିଠାରେ ମାଙ୍କଡ଼ ପଲ ମଧ୍ୟରୁ ମାଙ୍କଡ଼ଟିଏ ସ୍କୁଟି ଆଗକୁ କୁଦି ପଡିବାରୁ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ବର୍ଷାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସୁନିଲଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଉଭୟଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ୟ ସେଠାରେ ଉଭୟଙ୍କ ଚିକିତ୍ସା କରାଯାଇଥିଲା ।

# ଭଦ୍ରେଶ୍ୱର ଠାରେ ଜାଗର ଉତ୍ସବ ଅବସରରେ ପ୍ରବନ୍ଧ ପୁସ୍ତକ ବିବର୍ଣ୍ଣ ଦାମ୍ପତ୍ୟ ଲୋକାର୍ପିତ

ମାହାଙ୍ଗା, ୧୭।୨:(ମନ୍ଥନ)ଗତ ୧୫ତାରିଖ ଦିନ ପୂର୍ବ ମାହାଙ୍ଗାର ଅଗ୍ରଣୀ ଅନୁଷ୍ଠାନ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର, ଗୋପାଳପୁର ଅନୁକୁଲ୍ୟରେ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପରିଚାଳନା କମିଟିର ମିଳିତ ସହଯୋଗରେ ଶୈବପୀଠ ବୀର ଭଦ୍ରେଶ୍ୱରର ନବଦିନାତ୍ମକ ଯଜ୍ଞ ତଥା ଜାଗର ଯାତ୍ରା ଅବସରରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଓ ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ଝୁଲଣ ମଣ୍ଡପରେ ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ଟାଙ୍ଗୀ ଗୋବିନ୍ଦପୁରର ସିଦ୍ଧଗିରି ଆଶ୍ରମର ମଠାଧିଶ ବାବା ବିଶ୍ୱନାଥ ଦାସ ନିଜର ବକ୍ତବ୍ୟରେ ସୃଷ୍ଟିର ସମସ୍ତ ବିଚିତ୍ରଣ ମଧ୍ୟରେ ଶିବପାର୍ବତୀ, ଗଣେଶ,କାର୍ତ୍ତିକ ସେମାନଙ୍କର ବାହନ ବୃଷଵ,ସିଂହ,ମୟୁର,ମୂଷିକ,ସର୍ପ ଇତ୍ୟାଦି ଖାଦ୍ୟ ଖାଦକର ସଂପର୍କ ଥିଲେ ମଧ୍ୟ ବିଶ୍ୱର ମଙ୍ଗଳ ତଥା କଲ୍ୟାଣ ପାଇଁ ଏକାଠି ମନ୍ଦିର ଥାଇ ବିବିଧତା ଭିତରେ ଏକତାର ପ୍ରତୀକଭାବେ ଯେଉଁ ଆଦର୍ଶ ଭାବନା ସୃଷ୍ଟି କରିଛନ୍ତି ସେ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟ ଫୁଲବାଣୀର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଜନାର୍ଦ୍ଦନ ରାଉତ, ସମ୍ମାନୀତ ଅତିଥିଭାବରେ ଦର୍ଶନ ବିଦ୍ୟାର୍ଥୀ ମହାରାଜ ଅଭିରାମ ପରମହଂସଙ୍କ ଦିକ୍ଷିତ ସନ୍ୟାସୀ ଅଭୟ ଦାସ ମହାରାଜ, ପ୍ରବାଚକ ଶରତ ଚନ୍ଦ୍ର ରଥ, ଡଃ ଏକାଦଶୀ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ ଯୋଗଦେଇ ଶୈବ ତତ୍ତ୍ୱ ସୃଷ୍ଟି ଲୀଳାରେ ସାଗର ମନ୍ଥନ ସମୟରେ ହଳାହଳ ବିଷ ପାନ କରି ଶିବ କିପରି ନିଳକଣ୍ଠ ପାଲଟିଗଲେ ସେ ସମ୍ପର୍କରେ ବାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଭଦ୍ରେଶ୍ୱର ଥାନା ଅଧିକାରୀ ସୁଶ୍ରୀ ସନ୍ଧ୍ୟାରାଣୀ ସିଂ, ଅନ୍ୟତମ ସମ୍ମାନୀତ ଅତିଥି ତଥା ପୁସ୍ତକ ସମୀକ୍ଷକ ଭାବେ ଦ୍ୱିତୀୟଭଞ୍ଜ ସାହିତ୍ୟ ଗବେଷକ ଅଧ୍ୟାପକ ଉମାକାନ୍ତ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। ସଂପାଦକ ଗୌତମ ଚରଣ ଜେନା ଅତିଥିପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହସଂପାଦକ ଜ୍ୟୋତିରଂଜନ ମହାନ୍ତି ଶିବବନ୍ଦନା ଗାନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାବନ୍ଧିକ ତଥା ସଂସଦର ପ୍ରାଣ ପ୍ରତିଷ୍ଠାତା ସଂପାଦକ ଗୌତମ ଚରଣ ଜେନାଙ୍କ ପ୍ରବନ୍ଧ ପୁସ୍ତକ 'ବିବର୍ଣ୍ଣ ଦାମ୍ପତ୍ୟ'କୁ ଲୋକର୍ପିତ କରିଥିଲେ । ମାହାଙ୍ଗା, ନିଶ୍ଚିନ୍ତକୋଇଲି ଅଂଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ନୃତ୍ୟଶିଳ୍ପୀମାନେ ବିଭିନ୍ନ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କ ଠାରୁ ଟ୍ରଫି ଓ ପ୍ରଶଂସା ପତ୍ର ଗ୍ରହଣ କରିଥିଲେ।

# ବଟେଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା

କେନ୍ଦ୍ରାପଡ଼ା,୧୭।୨:(ମନ୍ଥନ)କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର କଚେରୀଡିହସ୍ଥିତ ବଟେଶ୍ୱର ମହାଦେବଙ୍କ ପୀଠରେ ଜାଗର ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାତ ୪ଟାରେ ମହାସ୍ନାନ କାରାଯିବା ପରେ ପ୍ରାତ ୫ଟାରେ ମଙ୍ଗଳ ଆରତୀ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଦିନସାରା ବଟେଶ୍ୱରଙ୍କ ମନ୍ଦିରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିରହିଥିଲା। ସନ୍ଧ୍ୟାରେ ବଟେଶ୍ୱରଙ୍କ ମହାଅଭିଷେକ କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଯୁବକ, ଯୁବତୀ, ମହିଳା ଓ ପୁରୁଷମାନେ ମନ୍ଦିର ପରିସରରେ ଦିନସାରା ଉପବାସ ବ୍ରତ ପାଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ବସିରହିଥିଲେ। ରାତ୍ର ଗୋଟାଏ ସମୟରେ ମହାଦୀପ ଉଠିଥିଲା।



ଏହାପରେ ବଟେଶ୍ୱରଙ୍କ ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୂଜକ କାର୍ତ୍ତିକ ଚନ୍ଦ୍ର ରାଉଳ, ରମେଶ ଚନ୍ଦ୍ର ରାଉଳ ଓ ଦୋଳଗୋବିନ୍ଦ ରାଉଳ ପ୍ରମୁଖ ବଟେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଅଧିକାରୀ ରସାନନ୍ଦ ଦାଶ ଅଷ୍ଟମପ୍ରହର ନାମଯଜ୍ଞରେ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏସମସ୍ତ କାର୍ଯ୍ୟକୁ ବଟେଶ୍ୱର ମନ୍ଦିର କମିଟିର ପ୍ରବୋଧ କୁମାର ଦାସ, ଅଲେଖ ପ୍ରସାଦ ଦାସ, ଯୁଗଳ କିଶୋର ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ସାଧୁ ଚରଣ ବିଶ୍ୱାଳ, ସୁଶାନ୍ତ କୁମାର ବାରିକ, ସୁଦର୍ଶନ ଦଳାଇ ଓ ପରମାନନ୍ଦ ଦଳାଇ ପ୍ରମୁଖ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିଥିଲେ।

# ଜାଗର ନିମନ୍ତେ କବିସୂର୍ଯ୍ୟନଗର ର ବିଭିନ୍ନ ଶୈବ ମନ୍ଦିର ଉତ୍ସବ ମୁଖର

କବିସୂର୍ଯ୍ୟନଗର,୧୭।୨:(ମନ୍ଥନ)ପବିତ୍ର ଶିବରାତ୍ର ଉପଲକ୍ଷେ କବିସୂର୍ଯ୍ୟନଗରର ବିଭିନ୍ନ ଶୈବ ପୀଠ ତଥା ଲୋକନାଥ, ସ୍ୱପ୍ନେଶ୍ୱର, ଜଟେଶ୍ୱର, ଯମୁନାଗିରିରେ ଅବସ୍ଥିତ ସିଦ୍ଧେଶ୍ୱର ପାରଦ ଶିବ ଲିଙ୍ଗ ମନ୍ଦିରରେ ଜାଗର ଅବସରରେ ଭକ୍ତ ମାନଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି । ଚଳିତ ଫାଲ୍ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶିବରାତ୍ର ପାଳନ ହେଉଥିବା ବେଳେ, ଗତକାଲି ଭୋର ସମୟରୁ ମନ୍ଦିରର ଦ୍ୱାର ଫିଟା, ମଙ୍ଗଳଆରତୀ, ମଇଲମ, ଅବକାଶ,ବାଳ ଭୋଗ,ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଥିଲା ।ଆଜି ପୂଜକ ମାନଙ୍କ ଦ୍ୱାରା ଅଭିଷେକ, ମାଜଣା ନୀତି, ପାଶ୍ୱ ଦେବତା ପୂଜନ, ବେଲ ପତ୍ର ଅର୍ପଣ, ହୋମ, ଯଜ୍ଞ, ଆରତୀ, ପୁଷ୍ପାଞ୍ଜଳି, ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ଆରତୀ,ଉପଚାର ପୂଜା ସହ ଶ୍ରଦ୍ଧାଳୁ ଭକ୍ତ ମାନେ ଆଣିଥିବା ଅରଖଫୁଲ, ଦୁଦୁରା ଫୁଲ, ପଳାଶ ଫୁଲ,କେତକୀ ଫୁଲ ମନ୍ଦିରର ପୂଜକ ମାନେ ମହାଦେବଙ୍କ ଠାରେ ଅର୍ପଣ କରୁଥିବା ଦେଖିବାକୁ ମିଳିଥିଲାକ୍ଷ ବିଭିନ୍ନ ଶିବ ପୀଠରେ ନାମ ସଂକୀର୍ତ୍ତନ,ଭଜନ,ପାଲା,ଦାଶକାଠି ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନେକ ଭକ୍ତ, ମହିଳା, ପୁରୁଷ, ଯୁବକ, ଯୁବତୀ ରୀତି ନୀତି ଅନୁଯାଇ ଅଖଣ୍ଡ ଦୀପ ଜାଳି, ନିଜର ମନ ସ୍କାମନା ପୂର୍ଣ୍ଣ ସକାଶେ ରାତି ସାରା ଜାଗର ଦୀପ ଜାଳି ବସିଥିବା ଦେଖିବାକୁ ମିଳିଥିଲା ।

# ଜଳବାୟୁ ସହନଶୀଳତା ଦିଗରେ ଓଡ଼ିଶାର ନୂଆ ପଦକ୍ଷେପ : ୧୦୦ ମହିଳା ହେବେ 'କ୍ଲାଇମେଟ୍ ଚାମ୍ପିଅନ୍'

କାକଟପୁର୧୭।୨:(ମନ୍ଥନ)ପୁରୀଜିଲ୍ଲା କାକଟପୁର ତହସିଲ ପଡିଆରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଙ୍କ ଦ୍ୱାରା ଆୟୋଜିତ ଏକ କୃଷି ସାମଗ୍ରୀ ବଣ୍ଟନ ଓ ଜଳବାୟୁ ସହନଶୀଳତା ଉପରେ ଏକ ସମାବେଶ ଗତ କାଲି ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉପକୂଳବର୍ତ୍ତୀ ଅଧିବାସୀ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପ ଅଧୀନରେ ଶ୍ରୀ ପଦ୍ଧତିରେ ଧାନଚାଷ ପାଇଁ କୃଷି ସାମଗ୍ରୀ ବଣ୍ଟନ ସହ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ମହିଳା ଚାଷୀମାନଙ୍କ ଯୋଗଦାନ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଛି । ୟୁଏନଡ଼ିପି ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଚାଲୁଥିବା ଏହି ପ୍ରକଳ୍ପ ଅଧୀନରେ ଚାଷୀମାନଙ୍କ ଜୀବିକା ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପ୍ରକଳ୍ପ ଅନୁସାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ 'କ୍ଲାଇମେଟ୍ ଚାମ୍ପିଅନ୍' ଭାବେ ଗଢ଼ିଉଠିବେ, ଯେଉଁମାନେ ଜଳବାୟୁ ସଚେତନତା ଓ




ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ଗ୍ରାମସ୍ତରରେ ମୁଖ୍ୟ ଭୂମିକା ନେବେ । ଏହି ପଦକ୍ଷେପ ଅଧୀନରେ ୧୦୦ ଜଣ ମହିଳାଙ୍କୁ ଜଳବାୟୁ ସୁରକ୍ଷା ଯୋଦ୍ଧା ଭାବେ ପ୍ରସ୍ତୁତ କରାଯିବ । ସେମାନେ ହେବେ ପ୍ରକୃତ ପରିବର୍ତ୍ତନର ସୂତ୍ରଧର ଏବଂ ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷିତ କରିବାରେ ଅଗ୍ରଣୀ ଭୂମିକା ନେବେ । ଓଡ଼ିଶାରେ ପ୍ରଥମଥର ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ 'କ୍ଲାଇମେଟ୍ ଚାମ୍ପିଅନ୍' ଭାବେ ଚିହ୍ନଟ ହେଉଥିବା ଏହି ପଦକ୍ଷେପକୁ ଏକ ଐତିହାସିକ ମାଇଲ୍ଷ୍ଟୋନ୍ ବୋଲି କୁହାଯାଉଛି । ସେଥିସହ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ମୃତ୍ତିକା କ୍ଷୟକୁ ରୋକିବା ଏବଂ ସମୁଦ୍ରର ଉଚ୍ଚ ଜୁଆର ଓ ଲବଣାକ୍ତ ଜଳର ପ୍ରଭାବକୁ କମାଇବା ଉଦ୍ଦେଶ୍ୟରେ ହେନ୍ତାଳ ବନ ସୃଷ୍ଟି କରାଯିବ । ଏହି ପ୍ରକ୍ରିୟାରେ ମହିଳାମାନଙ୍କୁ ଅଧିକ ଦାୟିତ୍ୱ ଓ ନେତୃତ୍ୱ ପ୍ରଦାନ କରାଯିବ, ଯାହା ଦ୍ୱାରା ପରିବେଶ ସୁରକ୍ଷା ସହ ଗ୍ରାମୀଣ ଜୀବିକା ସୁଦୃଢ଼ ହେବ ଏବଂ ସମୁଦ୍ର ଉପକୂଳ ଅଞ୍ଚଳ ଦୀର୍ଘକାଳୀନ ଭାବେ ସୁରକ୍ଷିତ ହୋଇପାରିବ । କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ, ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ, ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ମାନ୍ୟବର ବିଧାୟକ, କାକଟପୁର ଶ୍ରୀ ତୁଷାରକାନ୍ତି ବେହେରା, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଶ୍ରୀଧର ନାୟକ, ବନଖଣ୍ଡ ଅଧିକାରୀ ଶ୍ରୀ ମଗର ଧନଜୀ ରାଓ, ଅସ୍ତରଙ୍ଗ ବନଖଣ୍ଡ ଅଧିକାରୀ ମୋନାଲିସା ମହାପାତ୍ର ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ । ଅତିଥିମାନେ ଏହି ପ୍ରୟାସକୁ ସ୍ୱାଗତ କରି ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଜଳବାୟୁ ସହନଶୀଳ, ପରିବେଶ ସୁରକ୍ଷିତ ଓ ସୁସ୍ଥ ଗ୍ରାମୀଣ ଅର୍ଥନୀତି ଗଢ଼ିଉଠିବ ବୋଲି ଆଶା ପ୍ରକାଶ କରିଥିଲେ ।

# କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ +୨ ପରୀକ୍ଷା ଦେବେ ୧୭୫୪ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା,୧୭।୨:(ମନ୍ଥନ)ଆସନ୍ତା ୧୮ତାରିଖରୁ ମାର୍ଚ୍ଚମାସ ୨୫ତାରିଖ ପର୍ଯ୍ୟନ୍ତ +୨ପରୀକ୍ଷା ଅନୁଷ୍ଠିତ ହେବ। ସେଥିନିମନ୍ତେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ପରୀକ୍ଷାକେନ୍ଦ୍ରରେ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସୀକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୭୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ୮ଟି ଘରୋଇ ଆବାସୀକ ବିଜ୍ଞାନ ଛତାସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ କେନ୍ଦ୍ରାପଡା ଆବାସୀକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୧୩ଜଣ ରେଗୁଲାର ଓ ୩ଜଣ ଏକ୍ସରେଗୁଲାର ଛାତ୍ରଛାତ୍ରୀ ଥିବା ବେଳେ ତେଣ୍ଡାକୁଡାସ୍ଥିତ ଆର.ଏନ.ଏମ. ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬ଜଣ ରେଗୁଲାର, ହଳଦିଆଗଡାସ୍ଥିତ ତାରିଣୀ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୭ଜଣ ରେଗୁଲାର,ଶିଳିପୁରସ୍ଥିତ ଡଲଫିନ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ଜଣ ରେଗୁଲାର, ଛତାସ୍ଥିତ ଲୋଟୋସ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯୪ଜଣ ରେଗୁଲାର ଓ ୬ଜଣ ଏକ୍ସ ରେଗୁଲାର, ଦୁହୁରିଆସ୍ଥିତ ବିଦ୍ୟା ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ଜଣ ରେଗୁଲାର, ବାରେଟ୍ଟିତ ରମାଦେବୀ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୧ଜଣ ରେଗୁଲାର ଓ ବାରେଟ୍ଟିତ ଓମ୍‌ଶାନ୍ତି ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୯ଜଣ ରେଗୁଲାର ଛାତ୍ରଛାତ୍ରୀ ଅଛନ୍ତି। କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୫୦୨ଜଣ ରେଗୁଲାର ଓ ୧୪ଜଣ ଏକ୍ସ ରେଗୁଲାର, କଳାରେ ୩୭୬ଜଣ ରେଗୁଲାର ଓ ବାଣିଜ୍ୟରେ ୩୪୭ଜଣ ରେଗୁଲାର ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ। ୮ଟି ଘରୋଇ ବିଜ୍ଞାନ ଆବାସୀକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୫୧୫ଜଣ ଓ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୨୩୯ଜଣ ଏପରି ସର୍ବମୋଟ ୧୭୫୪ଜଣ ଛାତ୍ରଛାତ୍ରୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ୧୭ଟି ହଲରେ ପରୀକ୍ଷା ଦେବେ। ଏଥିସହିତ ଆସନ୍ତା ୨୪ତାରିଖ ଇଂରାଜୀ, ୨୮ତାରିଖରେ ପଦାର୍ଥ ବିଜ୍ଞାନ ଓ ମାର୍ଚ୍ଚ ୬ତାରିଖରେ ରସାୟନବିଜ୍ଞାନ ବିଷୟରେ ସର୍ବାଧିକ ୧୦୩୧ଜଣ ଲେଖାଏଁ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରର ଅଧୀକ୍ଷକ ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଉପଅଧୀକ୍ଷକ ଭାବେ ଡ. ବାସନ୍ତୀ ଶୁକ୍ଳା, ଅଧ୍ୟାପିକା ସଂଯୁକ୍ତା ସେଠୀ, ଅଧ୍ୟାପକ ବିକାଶ କୁମାର ନାୟକ, ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଓ ଅଧିକାରୀ ନିଲେଶ ଦାସଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ।ଏହାବ୍ୟତିତ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ହୋଇଥିବା ପ୍ରଶ୍ନପତ୍ର ହବ୍‌ରୁ ଇନ୍ଦୁପୁରସ୍ଥିତ ବିରୂପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିକିରାଇସ୍ଥିତ ବୀରହନୁମାନଜୀଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ତୁଳସୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଆୟବା ସରକାରୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କେନ୍ଦ୍ରାପଡା ସାନ୍ଧ୍ୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଡେରାବିଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚାନ୍ଦୋଳସ୍ଥିତ ଏଚ.ଏନ.ଏସ. ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପ୍ରଶ୍ନପତ୍ର ପଠାଯିବ। କେନ୍ଦ୍ରାପଡା କଲେଜ ହବ୍‌ର ସୁପରଭାଇଜର ଭାବେ ପ୍ରଫେସର ଶାନ୍ତନୁକୁମାର ଜେନା ରହିଥିବା ବେଳେ ଡେପୁଟୀ ସୁପରଭାଇଜର ଭାବେ ଅଧ୍ୟାପକ ସୁବ୍ରତ କୁମାର ଜେନା ରହିଛନ୍ତି।



## ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଲଙ୍ଗା,୧୭।୨:(ମନ୍ଥନ) ବଲଙ୍ଗା ନିକଟସ୍ଥ ବାୟାବର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବଲଙ୍ଗା ସରପଂଚ ଶ୍ରୀମତୀ ଅଳି ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ, ଛାତ୍ର ସମାଜର ଉନ୍ନତି ହେଲେ ଦେଶର ଉନ୍ନତି ସାଙ୍ଗକୁ ପରିବାରର ଉନ୍ନତି ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । ସେହିଭଳି ନିମାପଡା ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଅଭୟ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଠାରୁ ପ୍ରୋତ୍ସାହନ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି ତେଣୁ ଏହାର ସଦୁପଯୋଗ ହେବା ନିହାତି ଜରୁରୀ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିମାପଡାର ବି.ଆର.ସିସି ତଥା ବି.ଇ.ଓ ସୂଦର୍ଶନ ଭୋଇ, ବଲଙ୍ଗା ସମୀତି ସଭ୍ୟ ପ୍ରକାଶ ସାହୁ, ନିମାପଡା ପ୍ରାଥମିକ ସଂଘ ସଭାପତି ଗଙ୍ଗାଧର ପତି, ନିମାପଡା ପ୍ରାଥମିକ ସଂଘ ସଂପାଦକ କଲ୍ୟାଣ କୁମାର ସ୍ୱାଇଁ, ସି.ଆର୍.ସିସି ନବ କିଶୋର ସ୍ୱାଇଁ, ଭାର୍ଗବୀ ସାହିତ୍ୟ ସଂସଦ ସଂପାଦକ ସୁରେନ୍ଦ୍ର ନାଥ ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ମଲିକ, ଗଦାଧର ମହାପାତ୍ର ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସ୍ୱାଇଁ ଉତ୍ସବରେ ସଭାପତିତ୍ୱ କରିଥିଲେ । ଉତ୍ସବରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ଶଙ୍କର୍ଷଣ ବେହେରା, ବିନୋଦ କୁମାର ସାହୁ, ପ୍ରତିମା ସାହୁ, ନିରୁପମା ଭଟ୍ଟ, ଲକ୍ଷ୍ମୀପ୍ରିୟା ସାହୁ, ଭାନୁମତି ସାହୁ ପ୍ରମୁଖ ମଂଚ ପରିଚାଳନା କରିଥିଲେ ।

## ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ମାତୃ ପିତୃ ପୂଜନ ଦିବସ ଓ ବାର୍ଷିକ ଉତ୍ସବ ପାଳିତ

ନବରଙ୍ଗପୁର ,୧୭।୨:(ମନ୍ଥନ)ସ୍ଥାନୀୟ ଆର୍ ସି ଡ଼ି ହାଇସ୍କୁଲ ପଡ଼ିଆରେ ମାତୃ ପିତୃ ପୂଜନ ଦିବସ ଓ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା ମାତୃ ପିତୃ ପୂଜନ ଅବସରରେ ମୁଖ୍ୟ ଅତିଥି ଭାବେ ଡ଼ଃ ଅଶୋକ କୁମାର କର୍ଣ୍ଣ , ନିର୍ବାହୀ ଅଧିକାରୀ ନବରଙ୍ଗପୁର ମ୍ୟୁନିସିପଲିଟି ଏବଂ ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ ନରସିଂହ ତ୍ରିପାଠୀ , ରଜପୁରୋହିତ ନବରଙ୍ଗପୁର ,ମୁଖ୍ୟ ବ୍ୟକ୍ତା ଭାବେ ଶ୍ରୀଯୁକ୍ତ ଶିବ ପ୍ରସାଦ ପାଣଗ୍ରାହୀ , ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେୟ ଶ୍ରୀଯୁକ୍ତ ପର୍ଶୁରାମ ସାହୁ , ମିନାକ୍ଷୀ ପାଢ଼ୀ, ପ୍ରଭାତୀ ପାତ୍ର ଯୋଗ ଦେଇ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ, ସେହିପରି ସନ୍ଧ୍ୟାର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀଯୁକ୍ତ ଗୌରୀ ଶଙ୍କର ମାଝୀ ଏବଂ ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ କୁନୁ ନାୟକ ମ୍ୟୁନିସପାଲିଟି ଚେୟାରମେନ ଯୋଗ ଦେଇଥିଲେ । ଭାରତୀୟ ସଂସ୍କୃତିକୁ ଆଧାର କରି ପିତା ମାତାଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବର୍ତ୍ତମାନ ଦେଶରେ ମାତା ପିତାଙ୍କ ପ୍ରତି ସନ୍ତାନ ମାନଙ୍କ କର୍ତ୍ତବ୍ୟ ଧିରେ ଧିରେ ଲୋପ ପାଇବାକୁ ବସିଲାଣି ତେଣୁ ଅନେକ ପରିବାରରେ ପିତା ମାତା ମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଉଅଛି ଏବଂ ପିତାମାତା ଙ୍କୁ ନେଇ ବୃଦ୍ଧାଶ୍ରମରେ ଛାଡ଼ିଦେଇ ଆସୁଥିବାର ଦେଖା



ଯାଉଅଛି, ଯାହାକି ଭାରତୀୟ ସଂସ୍କୃତି ପରମ୍ପରା ର ଘୋର ବିରୋଧୀ ।ବାପା ମାଆ। ହେଉଛନ୍ତି ଚଳନ୍ତି ଠାକୁର । ତାଙ୍କ ବିନା ପରିବାରର ଉନ୍ନତୀ ଏବଂ ଶିଶୁ ମାନଙ୍କ ସଂସ୍କାର ଧିରେ ଧିରେ ଲୋପ ପାଇବାକୁ ବସୁଛି । ଅତିଥି ଗଣ ନିଜର ବକ୍ତବ୍ୟ ରେ ଏହି ସବୁ କଥା ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ବାପା ମାଆ। ମାନେ ନିଜ ନିଜ ଶିଶୁମାନଙ୍କ ସାମ୍ନାରେ ବସିଥିଲେ ଏବଂ ଶିଶୁମାନେ ପିତା ମାତା ମାନଙ୍କୁ ଚନ୍ଦନ, ସିନ୍ଦୂର, ଫୁଲ ଆଦି ଲଗାଇ ମିଷ୍ଟାନ୍ନ ଖୁଆଇଥିଲେ,ପିତାମାତାଙ୍କର ପାଦ ଛୁଇଁ ପ୍ରଣାମ କରିବା ସହିତ ପ୍ରତିଜ୍ଞା କରିଥିଲେ ଯେ ଜୀବନ ସାରା ଆମେ ବାପା ମାଆ। ଙ୍କ ସେବା କରିବୁ , ଏବଂ ପିତା ମାତା ମଧ୍ୟ ଆଶୀର୍ବାଦ କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବି ଶଙ୍କର ସାହୁ ସଭାପତିତ୍ୱ କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ।ସନ୍ଧ୍ୟା ର କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ମନମୋହନ ପଟ୍ଟନାୟକ ପରିଚୟ ପ୍ରଦାନ କରିଥିଲେୟ ଏହି କାର୍ଯ୍ୟକ୍ରମରେ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ଯେଉଁ ଶିଶୁ ମାନେ ପ୍ରଥମ , ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବନ ବିହାର ସମୟରେ ଯେଉଁ ଅଭିଭାବକ ଅଭିଭାବିକାମାନେ ବିଭିନ୍ନ ଖେଳ ରେ ଭାଗ ନେଇ ପ୍ରଥମ ଦ୍ୱିତୀୟ ,ତୃତୀୟ ସ୍ଥାନ ଅଧିକାର କରିଥିଲେ ସେମାନଙ୍କୁ ମଧ୍ୟ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଆଦର୍ଶ ବିଦ୍ୟାଳୟ ପରୀକ୍ଷା, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରୀକ୍ଷା, ବୃତ୍ତୀ ପରୀକ୍ଷାରେ ଯେଉଁ ଛାତ୍ର ଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ଯେଉଁ ଅଭିଭାବକ ଅଭିଭବିକା ମାନଙ୍କର ଏକ କାଳୀନ ତିନି ଜଣ ଶିଶୁ ପଢୁଛନ୍ତି ସେମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ , ଅଭିଭାବକ , ଅଭିଭାବିକା , ଗୁରୁଜି ଗୁରୁମାଆ। ଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।ସନ୍ଧ୍ୟା ରେ ଶିଶୁ ମାନଙ୍କ ଦ୍ୱାରା ୧୬ ଗୋଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲାୟ ଏଥିରେ ବ୍ରଜ କିଶୋର, ମନମୋହନ, ଜ୍ୟୋତି, ମିନାକ୍ଷୀ, କବିତା,ସୁନୀତା,ଅନୁ, ଚଞ୍ଚଳା ରଜେଶ୍ୱରୀ, ଗୀତା, ଗୀତାଞ୍ଜଳୀ, ସୁଦୀପ୍ତା, ବର୍ଷା ଓ ଶୁଭଶ୍ରୀ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବି ଶଙ୍କର ସାହୁ ସମସ୍ତ ଅଭିଭାବକ, ଅଭିଭାବିକା ତଥା ଉପସ୍ଥିତ ସମସ୍ତ ସଜ୍ଜନ ମଣ୍ଡଳୀ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାହିତ୍ୟିକା ତଥା ଗୀତିକାର ଦେବେନ୍ଦ୍ର ଦାସ ଓ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା

ବ୍ରହ୍ମପୁର,୧୭।୨:(ମନ୍ଥନ) ଇତିମଧ୍ୟରେ ସ୍ୱନାମଧନ୍ୟ ଗୀତିକାର ତଥା ସାହିତ୍ୟିକ ଦେବେନ୍ଦ୍ର ପ୍ରସାଦ ଦାସ, ପ୍ରସିଦ୍ଧ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଏକ ଶୋକସଭା ମଙ୍ଗଳବାର ନବୀନ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ ଏଥିରେ ଅଧକ୍ଷତା କରିଥିଲେ । ଓଡ଼ିଶାର ଜଣେ ସୁପ୍ରସିଦ୍ଧ ଲେଖକ, ଗୀତିକାର ଦେବେନ୍ଦ୍ର ଦାସ ଏବଂ ସଂଗୀତ ଜଗତର ସୁପ୍ରସିଦ୍ଧା ଗାୟିକା ଗୀତା ପଟ୍ଟନାୟକଙ୍କ ବିୟୋଗ ଓଡ଼ିଶା ଦୁଇ ପ୍ରତିଭାଧରଙ୍କୁ ହରାଇଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ସ୍ୱର୍ଗତ ଦାସ ସାହିତ୍ୟ ଜଗତକୁ ଅବଦାନ ଅତୁଳନୀୟ ଥିଲା ଏବଂ କଣ୍ଠଶିଳ୍ପୀ ପଟ୍ଟନାୟକଙ୍କ ସଂଗୀତ ଆଜି ମଧ୍ୟ ଶ୍ରୋତମାନଙ୍କ ନିକଟରେ ବେଶ୍ ? ଆଦୃତ ହୋଇ ରହିଛି । ଏହି ସଭାରେ ନବୀନ ସାହିତ୍ୟ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ, ଡ଼. ଡ଼ମ୍ବରୁଧର ସାହୁ, ରାମକୃଷ୍ଣ ପାତ୍ର, କାମରାଜୁ ମହାରଣା, ସାମ୍ବାଦିକ ହୃଷିକେଶ ମହାନ୍ତି, ପ୍ରକାଶ ପାଣିଗ୍ରାହୀ, ସୁଶାନ୍ତ କର, ରଂଜନ କୁମାର ସାହୁ, ପବିତ୍ର ଚୌଧୁରୀ, ସଂଜୀବ ରେଡ଼ି ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଦେବେନ୍ଦ୍ର ଦାସ ଓ ଗୀତା ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ ।

## ସାଂସଦଙ୍କ ଉନ୍ନୟନ ପାଣ୍ଠିରେ ମାଲଗଡ଼ିଆ କ୍ଷେତ୍ରପାଳଠାରେ ଉଜ୍ଜଳ ଆଲୋକ ବ୍ୟବସ୍ଥା ଉଦଘାଟିତ

ଜଳେଶ୍ୱର,୧୭।୨:(ମନ୍ଥନ)ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଉନ୍ନୟନ ପାଣ୍ଠିରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆର.ଆର.ପୁର ପଞ୍ଚାୟତ ସ୍ଥିତ ମାଳଗଡ଼ିଆ। କ୍ଷେତ୍ରପାଳ ଠାରେ ୯୦ ହଜାର ଟଙ୍କାର ଅନୁଦାନରେ ଏକ ଉଜ୍ଜଳ ଆଲୋକ ବ୍ୟବସ୍ଥା ଉଦଘାଟିତ ହୋଇ ଯାଇଛି । ଏହାକୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସାଂସଦ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜ ମୋହନ ପ୍ରଧାନ ନଡ଼ିଆ। ଫଟେଇ ଉଦଘାଟନ କରିଥିଲେ । ଏହି ସମୟରେ ଜଳେଶ୍ୱର ବିଜେପି ଜିଲ୍ଲା ସମ୍ପାଦକ କାଳିଚରଣ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତାପସ ପାଣିଗ୍ରାହୀ, ସପନ କୁମାର ଦାସ, ଅବନୀ କୁମାର ସାହୁ, ଶ୍ରୀହରି ବେହେରା, ସୁରେନ୍ଦ୍ର ମାହାନ୍ତ୍ୟ, ଦେବବ୍ରତ ନନ୍ଦ, ଗିରିଜା ଶଙ୍କର ପ୍ରଧାନ, ଶ୍ୟାମ ସୁନ୍ଦର ପାଳ, ସରୋଜ କୁମାର ରାଉଳ, ସଂଗ୍ରାମ ପଟ୍ଟନାୟକ, ଅରୁଣ ପ୍ରଧାନ, ସୁଧିର କୁମାର ଗିରି, ହେମନ୍ତ କୁମାର ପାତ୍ର, ଜୀବନ କୁମାର ଭଞ୍ଜ, ଗଗନ ଭଞ୍ଜ, ଗୌର ଗୋପାଳ ଗିରି, ଆଦିତ୍ୟ ପ୍ରଧାନ ପ୍ରମୁଖ ବିଜେପି ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ପିପୁଲ୍ଲି କଲେଜ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ପାଠଚକ୍ର

ବୁଗୁଡା,୧୭।୨:(ମନ୍ଥନ)ସ୍ଥାନୀୟ ପିପୁଲ୍ଲି କଲେଜର ସମ୍ମିଳନୀ କକ୍ଷରେ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ପାଠଚକ୍ର କାର୍ଯ୍ୟକ୍ରମ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଠଚକ୍ରର ଶୀର୍ଷକ ଅରେଞ୍ଜ ଇକୋନୋମି ଇନ୍ ଇଣ୍ଡିଆ। : ବଜେଟ୍ ପ୍ରାଇଓରିଟିସ୍ ଏଣ୍ଡ୍ ଇକୋନୋମିକ ଇମ୍ପାକ୍ଟ ରହିଥିବା ବେଳେ ଛାତ୍ରୀ ସସ୍ମିତା ସ୍ୱାଇଁ ଏହାର ସନ୍ଦର୍ଭ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁରସ୍ଥ ଶଶି ଭୂଷଣ ରଥ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ଆସିଷ୍ଟାଣ୍ଟ ପ୍ରଫେସର ଡ.ଜଗନ୍ନାଥ ବେହେରା, ଅତିଥି ଭାବେ ପିପୁଲ୍ଲି କଲେଜ ଆଇକ୍ୟୁଏସି କୋଅର୍ଡିନେଟର ସୁଶାନ୍ତ କୁମାର ସାହୁ ଓ କୋ-କୋଅର୍ଡିନେଟର ଆମ୍ ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇ ଭାରତର ମଜବୁତ ଅର୍ଥନୀତି, ବଜେଟ୍ ପ୍ରାଥମିକତା ଏବଂ ଅର୍ଥନୈତିକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଜୟ କୁମାର ସାହୁଙ୍କ ସମେତ ଅଧ୍ୟାପକ ଶଙ୍କର ପରିଡା ଓ ଅଧ୍ୟାପିକା ଭି.ସନ୍ତୋଷୀ ପ୍ରମୁଖ ମଧ୍ୟ ମଞ୍ଚାସୀନ ରହିଥିଲେ ଏବଂ ପାଠଚକ୍ରର ବିଷୟବସ୍ତୁ ସମ୍ପର୍କେ ସ୍ୱ ସ୍ୱ ମତବ୍ୟକ୍ତ କରିଥିଲେ । ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥି ସହ ପୂର୍ବରୁ ଆୟୋଜିତ ବଜେଟ୍ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ସସ୍ମିତା ସ୍ୱାଇଁ-ପ୍ରଥମ , ଲିପ୍ସା ଡାକୁଆ-ଦ୍ୱିତୀୟ ଓ କଲ୍ୟାଣୀ ପାଢ଼ୀ-ତୃତୀୟଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ପ୍ରାକ୍ତନ ମେଧାବୀ




ଛାତ୍ରଛାତ୍ରୀ ତୁଳସୀ ସ୍ୱାଇଁ, ସଙ୍ଗୀତା ସ୍ୱାଇଁ, ଅମିଶା ମହାନ୍ତି, ଭବାନୀ ବରଡ, ବର୍ଷାରାଣୀ ପ୍ରଧାନ, ସଙ୍ଗୀତା ବିଷୋୟୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ର ରୋମିଓ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅଧ୍ୟାପକ ଅନିଲ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିେ ।

## କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର,୧୭।୨:(ମନ୍ଥନ) ରୋଟାରୀ କ୍ଲବ ଅଫ ଭୋଗରାଇ ନ୍ୟୁ ଭିଜନ ପକ୍ଷରୁ ଏକ କବି ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ବ୍ଲକ ନିକଟସ୍ଥ ଦେବ ପୂଜନ ଶିକ୍ଷା ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ଡ଼ଃ ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବ୍ରଜଗୋପାଳ ଦାସ ଯୋଗ ଦେଇ ରୋଟାରୀ କ୍ଲବର ବିଭିନ୍ନ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ କବିତା ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରିବାକୁ ଉପସ୍ଥିତ କବି ମାନଙ୍କୁ ନିବେଦନ କରିଥିଲେ । ମୁଖ୍ୟବକ୍ତା ଭାବେ ଡ଼ଃ ସନ୍ତୋଷ କୁମାର ପାତ୍ର,ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀନାରାୟଣ ଶତପଥୀ, କ୍ଲବର ପ୍ରତିଷ୍ଠାତା ସଭାପତି ମିହିର କୁମାର ପ୍ରଧାନ, ସଂଯୋଜକ କବି ଶ୍ରୀକୁମାର ଘୋଷ ପ୍ରମୁଖ ଯୋଗଦେଇ ସମାଜ ପ୍ରତି କାବ୍ୟ ସାହିତ୍ୟର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ ।

## ପଞ୍ଚାୟତ କାର୍ଯ୍ୟାଳୟ ରେ ପଞ୍ଚାୟତ ଅଧିକାରୀ ଙ୍କୁ ତାଲା ପକାଇଲେ ଗ୍ରାମବାସୀ

**ନବରଙ୍ଗପୁର,୧୭।୨:(ମନ୍ଥନ)**ପଞ୍ଚାୟତ କାର୍ଯ୍ୟାଳୟ ରେ ପଞ୍ଚାୟତ ଅଧିକାରୀ ଙ୍କୁ ତାଲା ପକାଇଲେ ଗ୍ରାମବାସୀ, ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ପଞ୍ଚାୟତ ଠାରେ । ପଞ୍ଚାୟତ ର ଅନେକ ମୌଳିକ ସୁବିଧା ଯୋଗାଇବାରେ ପଞ୍ଚାୟତ କର୍ତ୍ତୃପକ୍ଷ ଭୋଲାନାଥ ବିଶି ବିଫଳ ହୋଇଛନ୍ତି ବୋଲି ଏହିଭଳି ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ଗ୍ରାମବାସୀ । ବିଶେଷ କରି ପାନୀୟ ଜଳ ସମସ୍ୟା, କୁନ୍ଦେଇ ଠାରେ ଅଙ୍ଗନବାଡି କେନ୍ଦ୍ର ଗୃହ, ପଞ୍ଚାୟତ ମଧ୍ୟରେ ହେଉଥିବା ଉନ୍ନୟନ କାର୍ଯ୍ୟର



ସୂଚନା ଫଳକ ଲଗାଯାଉ ନାହିଁ ପଞ୍ଚାୟତ ରେ ଏମିତି କିଛି ଗାଁ ଅଛି ଯେଉଁଠି ପୋଖରୀ ଟିଏ ମଧ୍ୟ ନଥିା ଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହା ସହ ପଞ୍ଚାୟତ ବାସି କୁନ୍ଦେଇ ପଞ୍ଚାୟତ କାର୍ଯ୍ୟାଳୟ କୁ ସେମାନଙ୍କ ସମସ୍ୟାର ଅଭିଯୋଗ ନେଇ ଆସୁଥିବା ବେଳେ ସେମାନଙ୍କର ଅଭିଯୋଗ କୁ କେହି କର୍ଣ୍ଣପାତ କରୁନାହାନ୍ତି, ଏହିସବୁ ସମସ୍ୟା ର ସମାଧାନ ପାଇଁ ଜିଲ୍ଲା ଓ ବ୍ଲକ କାର୍ଯାଳୟ ଠାରେ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଯୋଗୁଁ ଆଜି ବାଧ୍ୟ ହୋଇ ପଞ୍ଚାୟତ ରେ ତାଲା ପକାଯାଇଛି ବୋଲି କହିଛନ୍ତି । ପଞ୍ଚାୟତ ବାସିୟ ସମସ୍ୟାର ସମାଧାନ ନହେଲେ ତାଲା ଖୋଲାଯିବ ନାହିଁ ବୋଲି କହିଛନ୍ତି । ବର୍ତ୍ତମାନ ସୁଦ୍ଧା କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନାହାଁନ୍ତି ।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ୯୦ତମ ତ୍ରୀମୂର୍ତ୍ତି ଶିବ ଜୟନ୍ତୀ

ଜଗତସିଂହପୁର,୧୭।୨:(ମନ୍ଥନ)ରଘୁନାଥପୁର ସ୍ଥିତ ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ନବେତମ ତ୍ରୀମୂର୍ତ୍ତି ଶିବ ଜୟନ୍ତୀ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଗାମୀ ଓଡ଼ିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ଯୋଗଦେଇ ଶିବ ଧଣ୍ଡା ଉତ୍ତୋଳନ କରି ଉଚ୍ଚାରଣ ନୁହେଁ ଆଚରଣ ହିଁ ପ୍ରକୃତ ଧର୍ମ , ଏଣୁ ବାବାଙ୍କର ନିର୍ଦ୍ଦେଶକୁ ଆଚରଣରେ ଫୁଟାଇ ତୋଳିଲେ ସମାଜରେ ଶାନ୍ତି ପ୍ରତିଷ୍ଠା



ହୋଇପାରିବ ବୋଲି କହିଥିଲେ । ଏଥିରେ ବ୍ରହ୍ମା କୁମାର ଶାରଦା ଭାଇ ପୌରୋହିତ୍ୱ କରି କାମ, କ୍ରୋଧ,ଲୋଭ,ମୋହ, ମଦ ମାତ୍ସର୍ଯ୍ୟକୁ ତ୍ୟାଗ କରିଲେ ମନୁଷ୍ୟ ଆନନ୍ଦିତ ହୋଇ ପାରିବ ବୋଲି କହିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ ବ୍ରହ୍ମ କୁମାରୀ ସସ୍ମିତା ଭଉଣୀ, ବ୍ରହ୍ମ କୁମାର ଅକ୍ଷୟ ଭାଇ ଯୋଗଦେଇ ପରନିନ୍ଦା,ପରଚର୍ଚ୍ଚା ତ୍ୟାଗ କରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପ୍ରତ୍ୟେହ ଯୋଗଦେଇ ରାଜଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ୯୦ଟି ପ୍ରଦିପ ପ୍ରଜ୍ୱଳନ କରାଯାଇ ଶିବ ଜୟନ୍ତୀ ଘୋଷଣା କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁଙ୍କୁ ଈଶ୍ୱରୀୟ ପୁଷ୍ପଗୁଚ୍ଛ ଓ ଜ୍ଞାନ ଦର୍ପଣ ପତ୍ରିକା ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମ କୁମାର ଦୀପକ ଭାଇ, ମୋହନ ଭାଇ ଓ ଶତାଧିକ ଭକ୍ତ ଯୋଗ ଦେଇଥିଲେୟ ,

## ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦେଲା ଜେଏସଡବ୍ଲୁ ଉତ୍କଳ ଷ୍ଟିଲ

ପାରାଦୀପ,୧୭।୨:(ମନ୍ଥନ)ପାରାଦୀପ ପ୍ରକଳ୍ପ ନିକଟସ୍ତ ହିତାଧିକାରୀଙ୍କ ମଧ୍ୟରେ ଜେ ଏସ ଡବ୍ଲୁ ଉତ୍କଳ ଷ୍ଟିଲ ଜୀବିକା କାର୍ଯ୍ୟକ୍ରମ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିଛି । ଜଗତସିଂପୁର ଜିଲ୍ଲାରେ, କମ୍ପାନୀର ସିଏସଆର କାର୍ଯ୍ୟକଳାପ ଆଇଏସପି ପ୍ରକଳ୍ପ ମୁଖ୍ୟତଃ ଗଡକୁଜଙ୍ଗ, ନୂଆଗାଁ, ଢିଙ୍କିଆ। ଏବଂ ନିକଟବର୍ତ୍ତୀ ଗ୍ରାମ ମାନଙ୍କ ଅଗ୍ରଗତି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇଛି ଧ୍ୟାନ । କୃଷକମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ, କୃଷି ବିଜ୍ଞାନ କେନ୍ଦ୍ରୀୟ ବୈଜ୍ଞାନିକ ବିଶେଷଜ୍ଞଙ୍କ ସହାୟତାରେ ଗ୍ରାମ ସ୍ତରରେ ଦକ୍ଷତା ବିକାଶ ଏବଂ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରାଯାଇଛି । ଏହି ପଦକ୍ଷେପଗୁଡ଼ିକ କୃଷି ଉତ୍ପାଦର ଉତ୍ପାଦନ ଏବଂ କିସମ ସମ୍ପର୍କରେ ଚାଷୀ ଏବଂ ମହିଳା ହିତାଧିକାରୀଙ୍କ ଜ୍ଞାନକୁ ଯଥେଷ୍ଟ ଉନ୍ନତ କରିଛି । ଉଲ୍ଲେଖନୀୟ ଯେ, ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ, ପ୍ରାୟ ୧୩୦୦ ଚାଷୀଙ୍କୁ ଧାନ ଚାଷ ପାଇଁ କମ୍ପାନୀ ପକ୍ଷରୁ ବିହନ ଏବଂ ସାର ଯୋଗାଇ ଦିଆଯାଇଛି । ୨୦୨୨ ମସିହାରୁ,ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଏରସାମା ବ୍ଲକର ଢିଙ୍କିଆ। ନିକଟରେ କମ୍ପାନୀର ସମନ୍ୱିତ ଇସ୍ପାତ କାରଖାନା ପ୍ରକଳ୍ପ ଦ୍ୱାରା ପରୋକ୍ଷ ଭାବରେ ପ୍ରଭାବିତ




ପରିବାରଗୁଡ଼ିକୁ ବିକଳ୍ପ ଜୀବିକା ସୁଯୋଗ ପ୍ରଦାନ କରିବା ପାଇଁ ଜିଲ୍ଲାରେ ଏକ ଜୀବିକା ପ୍ରୋତ୍ସାହନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ।ଏହି ପ୍ରକଳ୍ପ ଅଧୀନରେ, ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଉତ୍ସର୍ଗୀକୃତ ପ୍ରକଳ୍ପ ଟିମ ନିଯୁକ୍ତ କରାଯାଇଛି, ଯାହା ଦ୍ୱାରା ଅଂଶଗ୍ରହଣମୂଳକ ଭାବରେ ପ୍ରକଳ୍ପଗୁଡ଼ିକୁ ଚିହ୍ନଟ ଏବଂ କାର୍ଯ୍ୟକାରୀ କରାଯାଇପାରିବ । ଗତ ତିନି ବର୍ଷ ମଧ୍ୟରେ, ୩ ହଜାରରୁ ଉର୍ଦ୍ଧ ହିତାଧିକାରୀଙ୍କୁ ବୈଷୟିକ ଜ୍ଞାନ, ଭୌତିକ ଇନପୁଟ୍, ବଜାର ସଂଯୋଗ ଏବଂ ଧାନ ଚାଷ, ପନିପରିବା ଚାଷ ଏବଂ ଅନ୍ୟାନ୍ୟ ଖାଦ୍ୟ ଉତ୍ପାଦନ କାର୍ଯ୍ୟକଳାପ ସମେତ ଉନ୍ନତ ପ୍ରଣାଳୀ କୃଷି ପଦ୍ଧତି ସହାୟତା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ, ମା' ରାମଚଣ୍ଡୀ କୃଷକ କଲ୍ୟାଣ ସମିତିର ସଭାପତି ରଞ୍ଜନ ସ୍ୱାଇଁ କହିଛନ୍ତି ଯେ ଯେତେବେଳେ ସେମାନେ ଜୀବିକା ହରାଇଲେ, ସେମାନେ ବିକଳ୍ପ ଭାବରେ ଧାନ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେୟ ଏ ବାବଦରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ କର୍ତ୍ତୃପକ୍ଷ ସ୍ୱାଗତ କରିବାସହ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରିଥିଲେ । ନୂତନ ଜ୍ଞାନ ଏବଂ ଦକ୍ଷତା ମାଧ୍ୟମରେ, ସେମାନେ ଏବେ ୪୦ ଏକର ଜମିରେ ଧାନ ଚାଷ କରିବାସହ, କୀଟ ଏବଂ ରୋଗ ନିୟନ୍ତ୍ରଣରେ ମଧ୍ୟ ଉନ୍ନତି ଆସିଛି । ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜେଏସଡବ୍ଲୁ ସେମାନଙ୍କର ପୂର୍ବ ଜୀବିକାକୁ ଏକ ନୂତନ ଜୀବନ ଆଲୋକ ପ୍ରଦାନ କରିଛି ।

## ରାସ୍ତା କଡରେ ବସି ପାଠ ପଢୁଛନ୍ତି ପିଲା

ନବରଙ୍ଗପୁର,୧୭।୨:(ମନ୍ଥନ) ସ୍କୁଲରେ ତାଲା ରାସ୍ତା କଡରେ ବସି ପାଠ ପଢୁଛନ୍ତି ସ୍କୁଲ ପିଲା, ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପୂର୍ଲା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକା ରେ ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ କରି ସ୍କୁଲରେ ତାଲା ପକାଇଛନ୍ତି ଗ୍ରାମବାସୀ । ଯାହା ଫଳରେ ରାସ୍ତା କଡରେ ବସି ପାଠ ପଢୁଛନ୍ତି ସ୍କୁଲ କୁ ଆସିଥିବା ସମସ୍ତ ଛାତ୍ର ଛାତ୍ରୀ ।ସୂଚନା ଅନୁଯାୟୀ ଶିଶୁ ବାଟିକାରେ ଶିଶୁ ସେବିକା ଚୟନ ପାଇଁ ଡିସେମ୍ବର ୨୦୨୪ ରେ ବିଜ୍ଞପ୍ତି



ପ୍ରକାଶ ପାଇଥିଲା, ଏହି ପଦବୀ ପାଇଁ ଗ୍ରାମର ପ୍ରାୟ ୭ ଜଣ ଆବେଦନ କରିଥିଲେ ହେଲେ କିନ୍ତୁ ଏମାନଙ୍କ ମଧ୍ୟରୁ କହାକୁ ଦିଅନଯାଇ,ପୂର୍ଲା ଗାଁ ରୁ ପ୍ରାୟ ଚାରି କିଲୋମିଟର ଦୂରର ରହୁଥିବା ଜଣେ ଯୁବତୀ ଙ୍କୁ ଚୟନ କରାଯାଇଛି । ଏହାକୁ ବିରୋଧ କରି ଆଜି ସ୍କୁଲରେ ତାଲା ପକା ଯାଇଛି ଫଳରେ ରାସ୍ତା କଡରେ ପିଲା ମାନେ ପାଠ ପଢୁଛନ୍ତି, ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନହେବେ ଆମେ ସ୍କୁଲରୁ ତାଲା ଖୋଲାଯିବ ନାହିଁ ବୋଲି କହିଛନ୍ତି ଗ୍ରାମବାସୀ । ଅନ୍ୟପଟେ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଗ୍ରାମବାସୀ ବ୍ୟବସ୍ଥା କରିଥିବା ବେଳେ ଛାତ୍ର ଛାତ୍ରୀ ରାସ୍ତା କଡରେ ପାଠ ପଢୁଛନ୍ତି ଏହି ସମୟରେ କୌଣସି ଦୁର୍ଘଟଣା ଘଟିଯାଏ ତେବେ କିଏ ଦାୟୀ ରହିବ । ଅନ୍ୟପଟେ ଏ ସମ୍ପର୍କରେ ସ୍କୁଲ ରେ ଉପସ୍ଥିତ ରହିଥିବା ଶିକ୍ଷକ ଉପରସ୍ତ ଅଧିକାରୀ ଙ୍କୁ ଜଣେଇ ଦେଇଥିବା ବେଳେ କିନ୍ତୁ ଏପର୍ଯ୍ୟନ୍ତ କେହି ଘଟଣା ସ୍ଥଳରେ ପହଞ୍ଚି ନାହାନ୍ତି ।

## ବଟେଶ୍ୱର ଶୈବପୀଠରେ ଜାଗର ମହୋତ୍ସବ ରେ ବିଦ୍ୟାର୍ଥୀଙ୍କ ନୃତ୍ୟ ପ୍ରଦର୍ଶନରେ ଝୁମିଲେ ଦର୍ଶକ

ଗଞ୍ଜାମ,୧୭।୨:(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ର ପ୍ରସିଦ୍ଧ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ଦିର ପରିଚାଳନା ତଥା ବାଲିଯାତ୍ରା କମିଟି ଉପସଭାପତି ଶବର ତରାଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଦିଲ୍ଲୀପ ଛୋଟରାୟ, ସଭାପତି ରଙ୍କନିଧି ସ୍ୱାଇଁ, ସମ୍ପାଦକ ରଞ୍ଜିତ ପଲାଇ, ବରିଷ୍ଠ ସଦସ୍ୟ ଶିବାରାମ ସ୍ୱାଇଁ, କୋଷାଧ୍ୟକ୍ଷ ନିରାକାର ଜେନା, ପବିତ୍ର ସ୍ୱାଇଁ, ସି ଆର ସି ସି ସଞ୍ଜୟ ତରାଇ, ରବିନ୍ଦ୍ର ଆଚାରୀ, ଏ. ତ୍ରିନାଥ, ଧର୍ମରାଜ ସ୍ୱାଇଁ, ଶେଷଦେବ ଛାଟୋଇ,ଶିକ୍ଷାବିତ ବିରେନ ପ୍ରଧାନ, କୃଷ୍ଣଚନ୍ଦ୍ର ରେଡି, ବୃନ୍ଦାବନ ପ୍ରଧାନ, ଶିବରାମ ରେଡି, ଏସ. ମୁସ୍ଲେୟା, ସାଇରାମ ପ୍ରମୁଖଙ୍କ ବାଲିଯାତ୍ରା କମିଟି କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । କଣ୍ଟିଆଗଡ଼, ନୀଳାଦ୍ରିପୁର, ଖଟୁଆକୁଦା, ଗୋଖରକୁଦା,ମୟୁରପଦା, ପୋଡ଼ାମପେଟା ପ୍ରମୁଖ ୬ ଖଣ୍ଡ ଗ୍ରାମରେ ରହିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସମ୍ବଲପୁରୀ, ଭଜନ ଓ ବିଭିନ୍ନ କ୍ଲାସିକାଲ ସଙ୍ଗୀତର ମଧୁର ମୂର୍ଚ୍ଛନା ର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ ଖଚାଖଚ ଦର୍ଶକଙ୍କ ମନ ମୋହିଥିଲା । ଉମାକାନ୍ତ ବେହେରା ଓ ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼ ବିଚାରକ ଭାବେ ଯୋଗଦେଇ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ କୁ ରଶ୍ମିତା ଦଳେଇ ସଂଯୋଜନା କରିଥିଲେ । ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମାନ ପତ୍ର ଓ ସିଲ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ସମସ୍ତ ପ୍ରତିଯୋଗୀ ମାନଙ୍କୁ ସିଲ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଛତ୍ରପୁର, ଗଞ୍ଜାମ ଓ ରମ୍ଭା ଅଂଚଳର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୧୭।୨:(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣିହୋଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୩ ଜଣଙ୍କୁମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଚିକିତ୍ସା




ସହାୟତା ରାଶି ପ୍ରଦାନକରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲକରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପରୀକ୍ଷା ପାଇଁ ପ୍ରସ୍ତୁତି କିପରି ହେବ ?

**ଡାକ୍ତର ସମ୍ରାଟ କର**

ପରୀକ୍ଷା ପୂର୍ବରୁ ପ୍ରସ୍ତୁତି : ପ୍ରଥମେ ଖାଇବା ଓ ଶୋଇବା ବିଷୟରେ ଆଲୋଚନା କରିବା। ଶୋଇବାର ପ୍ରାୟ ଅଧ ଘଣ୍ଟାଏ ପୂର୍ବରୁ ପଢ଼ିବା କଥା ନୁହେଁ। କେତେଜଣ ବହି ଧରି ଶୁଅନ୍ତି। ଏପରି ହେଲେ ନିଦରେ ବା ସ୍ୱପ୍ନରେ ମଧ କେବଳ ପାଠ ମନେ ପଡ଼ିବ। ଦିନସାରା ମନ ଅସ୍ଥିର ଓ ବାଉଳା ଲାଗିବ। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବାର ଅଭ୍ୟାସ କର। ପ୍ରତ୍ୟେକ ପ୍ରଶ୍ନକୁ ଭାବିକି ଲେଖିବା ପାଇଁ ପରୀକ୍ଷା ହୁଏ। ଠିକ୍ ଭାବେ ନ ଶୋଇଲେ, ଭାବନା ମଧ ସଠିକ ହେବନାହିଁ। ପ୍ରଶ୍ନର ଉତ୍ତର ଭାବିକି ଲେଖିବାରେ ଅସୁବିଧା ହେବ। ମଧାହ୍ନ ଓ ରାତ୍ରିଭୋଜନ ଆଦି ଭାରି ଖାଦ୍ୟ ଖାଇବାର ଅଧ ଘଣ୍ଟାରୁ ଘଣ୍ଟାଏ ମଧରେ ପାଠ ପଢ଼ ନାହିଁ। ଏହି ସମୟରେ ପାକସ୍ଥଳୀକୁ ଅଧିକ ଓ ମସ୍ତିଷ୍କକୁ ଟିକିଏ କମ୍ ରକ୍ତ ସଞ୍ଚାଳନ ହୁଏ। ଟିକିଏ ନିଦୁଆ ଲାଗେ। ପାଠ ଠିକ୍ ଭାବେ ମନେ ରହେ ନାହିଁ। ସୂଚୀ : ନିଜେ ନିଜକୁ ପ୍ରଶ୍ନ କରି ସୂଚୀ ପ୍ରସ୍ତୁତ କର। କେଉଁ ପାଠ ଅଛି ? କେଉଁଟା ଗୁରୁତ୍ୱପୂର୍ଣ୍ଣ ପାଠ ? କଅଣ ମନେ ରହୁନାହିଁ ? ପାଠଟି ବୁଝିକରି ମନେ ରଖିବା ପାଇଁ କେତେ ସମୟ ଲାଗିବ ? ଏହାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ସମୟ ହାତରେ ରଖ। ତାଲିକା : ନିଜର ସ୍କୁଲ, ଟିଉସନ୍, ଖାଇବା ଓ ଖେଳିବା ଇତ୍ୟାଦିରେ କେତେ ସମୟ ଯାଉଛି ଲେଖିରଖ। ତେଣୁ ଦିନର କେଉଁ ସମୟରେ କେତେ ପାଠ ପଢ଼ିବ ଜାଣିପାରିବ। ଗୃହିଣୀ ଓ ଚାକିରି କରି ପାଠ ପଢୁଥିବା ପିଲାମାନେ ଘରକାମ, ଅଫିସକାମ ଓ ପିଲାକାମ ସାରି ପଢ଼ି ବସନ୍ତୁ। ତାହେଲେ ମନ ଅସ୍ଥିର ହେବନାହିଁ। ପାଠରେ ମନ ଲାଗିବ। ପରିବେଶ : ପାଠପଢ଼ା ପରିବେଶକୁ ଠିକ୍ ରଖ। ପାଖରେ ଖାତା, ପେନ୍, ପେନ୍ସିଲ ଓ ଘଣ୍ଟାକୁ ରଖିବ। ବହିଗୁଡ଼ିକ ଠିକ ଜାଗାରେ ଶୃଙ୍ଖଳିତ କରି ରଖିଲେ କାଢ଼ିବା ସମୟରେ ସହଜ ହେବ। ଅଧିକ ସମୟ ନଷ୍ଟ ହେବନାହିଁ ଓ ମନ ଅସ୍ଥିର ହେବନାହିଁ। ଏକାଥରକେ ଚାରି ପାଞ୍ଚଘଣ୍ଟା ବସି ପାଠ ପଢ଼ ନାହିଁ। ପ୍ରାୟ ୪୫ ମିନିଟରୁ ୧ ଘଣ୍ଟା ପଢ଼ିବା ପରେ ପାଞ୍ଚ ଦଶ ମିନିଟର ବ୍ରେକ୍ ନିଅ। ଏହି ସମୟରେ ଅଲଗା କିଛି କର। ନିତିଦିନିଆ ଅଭ୍ୟାସ ରଖ। ଖାଇବା ଓ ଶୋଇବା ହଠାତ୍ କମ କରନାହିଁ। ନିଜେ ନିଜକୁ ପୁରସ୍କାର ଦିଅ। ଉଦାହରଣ : ଆଜି ଯଦି ମୁଁ ଏତିକି ପାଠ ସାରିଦେବି, ତେବେ ମୁଁ ଏତିକି ସମୟ ଖେଳିବି ବା ଟିଭି କାର୍ଯ୍ୟକ୍ରମ ଦେଖିବି। ପରୀକ୍ଷା ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତି : (କ) ଶେଷ ଦଶ ବର୍ଷର ପରୀକ୍ଷା ପ୍ରଶ୍ନ ଆଣି ପାଖରେ ରଖ। କେଉଁ ପ୍ରକାର ପ୍ରଶ୍ନ ପଡୁଛି ଲକ୍ଷ୍ୟ କର। ବର୍ତ୍ତମାନ ନିଜକୁ ପ୍ରଶ୍ନ କର ଯେ କେଉଁ ପ୍ରକାର ପଢ଼ିବ ଓ କିପରି ? ନିଜ ପାଖରେ କଅଣ ଅଛି ? ବହି, ଟେଷ୍ଟପେପର ଓ ନୋଟସ୍ ଆଦିକୁ ଶୃଙ୍ଖଳିତ ଭାବେ ରଖ। (ଖ) ଯେ କୌଣସି ବିଷୟ ପଢ଼ିବା ସମୟରେ ଏହାର ଶିରୋନାମା ବା ଶୀର୍ଷରେ ଉଲ୍ଲେଖିତ ବିଷୟ ଓ ଏଥିରେ ଥିବା ମୁଖ୍ୟ କଳ୍ପନା ବା ଭାବନା ଖୁବ୍ ଭଲଭାବେ ବୁଝ ଓ ମନେରଖ। ଧୀରେ ଧୀରେ ବାକି ପାଠ ମଧ ମନେ ରହିବ। (ଗ) ଯେଉଁ ବିଷୟଟିକୁ ପଢ଼ିଲ, ସେ ବିଷୟଟିକୁ ପରେ ମନେ ପକାଅ, ଲେଖ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କର। (ଘ) କେତେ ବୁଝିଲ ଓ ମନେ ରଖିଲ ଏହା ନିଜେ ନିଜକୁ ପ୍ରଶ୍ନ କର। ଆଉଥରେ ବିଷୟଟିକୁ ପଢ଼।

ପରୀକ୍ଷା ସମୟରେ ମାନସିକ ସମସ୍ୟା : ପରୀକ୍ଷା ସମୟରେ ପିଲାମାନେ ଅଭିଯୋଗ କରନ୍ତି ଯେ, ମନ ଅସ୍ଥିର ରହୁଛି ଓ କୌଣସ ପାଠ ଠିକ୍ ଭାବେ ମନେ ରହୁନାହିଁ। ମନ ଅସ୍ଥିର ହେବା : ପାଠ ପଢ଼ିବା ସମୟରେ ମନ ଅସ୍ଥିର ହୋଇ କୁଆଡ଼େ ପଳାଏ, ସେଠୁ ପୁଣି ଆଉ କୁଆଡ଼େ। ଆମେ ବାହାରୁ ଦେଖିଲେ ଲାଗେ ଯେପରି ପିଲାଟି ପାଠ ପଢୁଛି। ମାତ୍ର ସେ ଖେଳ କଥା, ସାଙ୍ଗମାନଙ୍କ କଥା ଓ ଟିଭି କାର୍ଯ୍ୟକ୍ରମ ବିଷୟରେ ଭାବୁଥାଏ। କାରଣ : ମନ ଅସ୍ଥିର ହେବାର ମୁଖ୍ୟ କାରଣ ହେଉଛି ମାନସିକ ଚାପ। ଏହି ଚାପ ଘରେ ଓ ବାହାରେ ହୋଇଥିବା ଗଣ୍ଡଗୋଳ, ଆର୍ଥିକ ଅନଟନ, ନିଜ ଲୋକଙ୍କ ଦେହ ଖରାପ ଇତ୍ୟାଦି ଯୋଗୁଁ ହୋଇପାରେ। ଭୋଜିଭାତ, ଭଲ ଟିଭି କାର୍ଯ୍ୟକ୍ରମ ବା ଖେଳିବାର ମନ ଥିଲେ ମଧ ମାନସିକ ଚାପ ପଡ଼ି ମନ ଅସ୍ଥିର ରହେ। ମାନସିକ ସମସ୍ୟା ଯଥା ମାନସିକ ବିଷାଦ ଓ ଉଦ୍‌ବେଗ ଯୋଗୁଁ ମଧ ଏହା ହୋଇପାରେ।

ମନକୁ କିପରି ସ୍ଥିର ରଖିବ : ଶାନ୍ତ ପରିବେଶରେ ପାଠପଢ଼। ଭଲ ଭାବେ ତାଲିକା ଓ ସୂଚୀ ପ୍ରସ୍ତୁତି କରି ସେଇ ଅନୁସାରେ ପାଠ ପଢ଼। ମନ ଅସ୍ଥିର ହେଲେ ନିଜେ ନିଜକୁ କୁହ ନା ମୁଁ ଏଥର ପାଠ ପଢ଼ିବି। ଅତ୍ୟଧିକ ଛାନିଆ ହେବା : କେତେ ଜଣ ପିଲା ପରୀକ୍ଷା ପୂର୍ବରୁ ଅତ୍ୟଧିକ ଛାନିଆ ହୋଇ ପାଠ ପଢ଼ନ୍ତି ନାହିଁ କିମ୍ବା ପାଠ ଭୁଲି ଯାଆନ୍ତି। ଭଲକରି ପାଠ ମନେଥିଲେ ମଧ ପରୀକ୍ଷାରେ ଲେଖିପାରନ୍ତି ନାହିଁ। ପରୀକ୍ଷା ପୂର୍ବରୁ ଅଳ୍ପ ଛାନିଆ ହେଲେ ଭଲ। ପାଠ ପଢ଼ାରେ ମନ ଲାଗିବ ଓ ମନେ ରଖିବା ସହଜ ହେବ। ମାତ୍ର ଅତ୍ୟଧିକ ଛାନିଆ କେବଳ ନିଜ ପାଇଁ ହିଁ ଖରାପ।

କାରଣ : ପରୀକ୍ଷା ବିଷୟରେ ଅତ୍ୟଧିକ ଭାବିଲେ ମନରେ ଛାନିଆ ପଶେ। ଯଥା - ପାଠ କିପରି ପଢ଼ିବି ? କିପରି ମନେ ରଖିବି ? ପ୍ରଶ୍ନ କଅଣ ପଡ଼ିବ ? ପରୀକ୍ଷା ଫଳ କଅଣ ହେବ ? ପରୀକ୍ଷା ଫଳ ଦେଖି ଅନ୍ୟମାନେ କଅଣ ଭାବିବେ ଓ କହିବେ ?

ଲକ୍ଷଣ : ଅଧିକାଂଶ ପିଲା ଅଭିଯୋଗ କରନ୍ତି ଯେ, ସ୍ମରଣ ଶକ୍ତି ବ୍ୟାଘାତ ହେଉଛି। ପରୀକ୍ଷା ପୂର୍ବରୁ ଭଲ କରି ପାଠପଢ଼ି ମନେ ରଖିଥିଲେ ମଧ କିଛି ପାଠ ମନେ ନାହିଁ ଓ ପରୀକ୍ଷାରେ ଫେଲ ହେବେ।

ଛାନିଆ ହେବା କିପରି କମ୍ କରିବ ? ପ୍ରଥମେ ମନେ ରଖିବା ଉଚିତ ଯେ, ପରୀକ୍ଷା ପୂର୍ବଦିନ ଠିକ ଭାବେ ଖାଇବ ଓ ଶୋଇବ। ଅନ୍ୟଦିନ ଠାରୁ ଅଧିକ ବା କମ୍ ନୁହେଁ। ଶିରୋନାମା ଓ ଏହାର ମୁଖ୍ୟ ବିଷୟବସ୍ତୁକୁ ମନେ ପକାଇବ। ପରୀକ୍ଷାରେ ପଡ଼ିଲେ କଅଣ ଲେଖିବ ବୋଲି ଭାବିବ। ମନରୁ ଦୁଶ୍ଚିନ୍ତା ଦୂରକରି ଖୁସି ରହିବାକୁ ଚେଷ୍ଟା କରିବ। ପରୀକ୍ଷା ଦିନ ସକାଳେ ଅତି ତରତର ହୋଇ ଗାଧୋଇବା, ଖାଇବା ଆଦି ନିତ୍ୟକର୍ମ କରିବା ଉଚିତ ନୁହେଁ। ପ୍ରତିଦିନ ଯେପରି କର, ଆଜି ମଧ ସେହିପରି କରିବ। ଅତି ତରତର ହେଲେ ଛାତି ଧଡ଼୍ ଧଡ଼୍ ହେବ, ଝାଳ ବାହାରିବ। ପ୍ରକୃତରେ ମନ ଛାନିଆ ନ ହେଲେ ମଧ ଛାତି ଧଡ଼ ଧଡ଼ ହେବା ଯୋଗୁଁ ଛାନିଆ ହେବା ଭଳି ଲାଗିବ। ନିଜର ଖାତା, ବହି ଓ ନୋଟ୍‌ସ ଆଦିକୁ ପରୀକ୍ଷା କେନ୍ଦ୍ରକୁ ନେବ। ନିହାତି ଦରକାର ନହେଲେ ଖୋଲିବ ନାହିଁ। ଯେଉଁ ପିଲାମାନେ ଅତ୍ୟଧିକ ଛାନିଆ ହୁଅନ୍ତି ବା କରାନ୍ତି, ସେମାନଙ୍କ ଠାରୁ ଦୂରେଇ ରହିବ। ନିଜକୁ ନିଜେ ବୁଝାଅ ଓ ସାହସ ଦିଅ। ମୁଁ ହୁଏତ ସବୁ ଉତ୍ତର ଜାଣି ନଥାଇପାରେ। ମୋର ହୁଏତ ପରୀକ୍ଷାରେ ସବୁ ମନେ ନପଡ଼ିପାରେ। ମୁଁ ପଢ଼ିଥିବା ପାଠ ଛଡ଼ା, ବାହାରୁ କିଛି ପ୍ରଶ୍ନ ପରୀକ୍ଷାରେ ପଡ଼ିପାରେ। ଏହାସାଧାରଣ କଥା ଓ ସମ୍ଭବପର। ସବୁଠିକ୍ ହେବ। ପରୀକ୍ଷା ଆରମ୍ଭ ହେବାର ଠିକ୍ ଦଶ ପନ୍ଦର ମିନିଟ୍ ପୂର୍ବରୁ କେତେଜଣ ଅଧିକ ଛାନିଆ ହୋଇଯାଆନ୍ତି। ତେଣୁ ପରୀକ୍ଷା ହଲକୁ ଆଗରୁ ଯାଇ ନିଜର ଚେୟାର ଖୋଜି ମନକୁ ସ୍ଥିର କରି ବସ। ମନକୁ ଶାନ୍ତ ରଖି ପରୀକ୍ଷା ପ୍ରଶ୍ନ ପଢ଼ିବା ଆରମ୍ଭ କର। ଯେଉଁ ପ୍ରଶ୍ନର ଉତ୍ତର ଭଲ ଭାବେ ଆସୁଛି, ତାହାକୁ ପ୍ରଥମେ ଦିଅ। ଲେଖିବା ପୂର୍ବରୁ ଉତ୍ତରର ସଂକ୍ଷିପ୍ତ ବିବରଣୀ ମନରେ ଭାବିନିଅ। ପରୀକ୍ଷା ସମୟରେ ନିଜକୁ ସାହାସ ଦିଅ। ନିଜକୁ ନିଜେ କୁହ 'ମୁଁ ଭଲକରି ଲେଖୁଛି। ଯାହା ପଢ଼ିଛି ସବୁ ମନେ ଅଛି। ମୁଁ ମୋର ସବୁଠାରୁ ଭଲ ଉତ୍ତର ପରୀକ୍ଷାରେ ଦେଉଛି।' ପରୀକ୍ଷା ହଲ୍‌ରେ ପୁରା ସମୟ ବସ। ସମୟ ବଳିଲେ ଆଉ ଥରେ ପଢ଼। ଆମେ ଅଜାଣତରେ ଭୁଲ ଲେଖିଥାଇପାରୁ। ସେଗୁଡ଼ିକ ସଜାଡ଼ି ଠିକ୍ କରିପାରିବ। ଗୋଟିଏ ବିଷୟରେ ପରୀକ୍ଷା ସାରିବା ପରେ, ସେହି ପରୀକ୍ଷା ଉପରେ ଅଧିକ ଆଲୋଚନା କର ନାହିଁ। ମନ ଛାନିଆ ଲାଗିପାରେ। ପରବର୍ତ୍ତୀ ବିଷୟର ପରୀକ୍ଷା ପାଇଁ ଚିନ୍ତା କର।

ମନେରଖ : ପରୀକ୍ଷା ପୂର୍ବରୁ ପାଠ ପଢ଼ିବା ଦରକାର। ତୁମେ ଏକା ନୁହେଁ, ଏହି ପାଠପଢ଼ା ସମସ୍ତଙ୍କ ଉପରେ କିଛି ନା କିଛି ମାନସିକ ଚାପ ପକାଏ। ମାନସିକ ଚାପ କେତେ ହେବ, ତାହା ନିଜ ଉପରେ ନିର୍ଭର କରେ। ପରୀକ୍ଷାରେ ସଫଳତାର ଚାବିକାଠି ହେଉଛି ସଠିକ୍ ଯୋଜନା। ପରୀକ୍ଷା ବିଷୟରେ ବେଶି ଭାବ ନାହିଁ, ବେଶି ଭାବିଲେ କିଛି କରିହେବ ନାହିଁ। ଯାହା ଉପରେ ଆମ ନିୟନ୍ତ୍ରଣ ନାହିଁ, ଆମେ କିଛି କରିପାରିବା ନାହିଁ। ମାତ୍ର ପାଠ ପଢ଼ିଲେ, ପରୀକ୍ଷାରେ ଭଲ କରିପାରିବା।

ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଜଳବାୟୁ ପରିବର୍ତ୍ତନ

ବିଶ୍ୱ ଜଳବାୟୁରେ ପରିବର୍ତ୍ତନର ଏକ ମୁଖ୍ୟ କାରଣ ହେଲା ଆଖିବୁଜା ଗଛକଟାଯିବା। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜନବସତି ବୃଦ୍ଧି, ଶିଳ୍ପ କାରଖାନା ଏବଂ କୃଷି ଉପଯୋଗୀ ଜମି ପରିମାଣ ବୃଦ୍ଧି ଯୋଗୁ ଜଙ୍ଗଲ ପରସୀମା ହ୍ରାସ ପାଉଛି। କଙ୍କ୍ରିଟ ଜଙ୍ଗଲ ବୃଦ୍ଧି ହେତୁ ପ୍ରକୃତ ଜଙ୍ଗଲ ନଷ୍ଟ ହେଉଛି। ଫଳରେ ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି, ବର୍ଷା କମିବା ଏବଂ ଅସ୍ୱାଭାବିକ ପାଣିପାଗ, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ଏବଂ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇ ମଣିଷ ନାନା ପ୍ରକାର ରୋଗର ଶୀକାର ହେବା ଦେଖାଯାଉଛି। ତେଣୁ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଜଙ୍ଗଲ ଧ୍ୱଂସକୁ ରୋକିବା ଏବଂ ବୃକ୍ଷରୋପଣ ନିହାତି ଜରୁରୀ ବୋଲି ସମସ୍ତେ ଏକମତ। ବିଶ୍ୱବ୍ୟାପୀ ଏଥିଲାଗି ଜନ ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଏହା ଉପରେ ଆଲୋଚନା, ଚର୍ଚ୍ଚା ହେଉଛି, ପ୍ରସ୍ତାବ ଗୃହୀତ ହେଉଛି, ସଙ୍କଳ୍ପ ବି ପାରିତ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରୀତା ଯଥେଷ୍ଟ କମ ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷା, ବୃକ୍ଷ ରୋପଣ କେବଳ ସ୍ଲୋଗାନରେ ସୀମିତ ହୋଇ ରହିଛି। ସମସ୍ତେ ଅନ୍ୟକୁ ଉପଦେଶ ଦେଉଛନ୍ତି, ନିଜେ ପରିବେଶ ସୁରକ୍ଷା ସହିତ ସାଲିସ କରୁଛନ୍ତି। ବିକଶିତ ରାଷ୍ଟ୍ରମାନେ ଶିଳ୍ପସମୃଦ୍ଧ ହୋଇସାରିବା ପରେ ଅନ୍ୟ ଦେଶକୁ ଶିଳ୍ପ ପ୍ରତିଷ୍ଠାରୁ ବିରତ ରହିବାକୁ ଉପଦେଶ ଦେଉଛନ୍ତି। ଭାରତ ଭଳି ଏକ ବିଶାଳ ଜନବହୁଳ ଦେଶରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜଙ୍ଗଲ ଧ୍ୱଂସ ଏକ କ୍ରମାଗତ ପ୍ରକ୍ରିୟାରେ ପରିଣତ ହୋଇଛି। ଏହାକୁ ରୋକିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ପ୍ରଣୟନ କରିଛନ୍ତି। ବିନା ଅନୁମତିରେ ଗଛ କାଟିବାକୁ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଏଠାରେ ବିବେଚନା କରାଯାଉଛି। ଆଇନରେ ଏଥିଲାଗି କଠୋର ଦଣ୍ଡବିଧାନ ବ୍ୟବସ୍ଥା ମଧ୍ୟ ରହିଛି। ଏହା ସତ୍ତ୍ୱେ ଅନେକ ସମୟରେ ସରକାରୀ ସ୍ତରରେ ମଧ୍ୟ ଏହି ଆଇନର ବ୍ୟାପକ ଉଲ୍ଲଘଂନ କରାଯାଉଛି। ଅନେକ ଶିଳ୍ପ ପ୍ରକଳ୍ପ, ଖଣି କାର୍ଯ୍ୟ ନିମନ୍ତେ ଅବାଧରେ ଗଛ କଟାଯାଉଛି। ରାସ୍ତା ସମ୍ପ୍ରସାରଣ ଏବଂ ବଡ଼ ବଡ଼ କୋଠା ନିର୍ମାଣ ଲାଗି ମଧ୍ୟ ଗଛ କଟାଯାଉଛି। ନିକଟରେ ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ଏମଏଲଏ କଲୋନୀରେ ବିଧାୟକମାନଙ୍କ ପାଇଁ ନୂଆ ବହୁତଳ ବିଶିଷ୍ଟ ଫ୍ଲାଟ ନିର୍ମାଣ ଲାଗି ବହୁ ସଂଖ୍ୟାରେ ଗଛ କଟାଯାଇଛି। ଆଗକୁ ମଧ୍ୟ ଆହୁରି ଅନେକ ଗଛ କଟାଯିବାର ରହିଛି। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହୋଇଛି ଏବଂ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷ ଏବଂ ପରିବେଶ ସୁରକ୍ଷା ଲାଗି କାର୍ଯ୍ୟରତ ସଙ୍ଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା ହାଇକୋର୍ଟରେ ଏଥିନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଯେଉଁସବୁ ବଡ଼ ବଡ଼ ଗଛ କଟାଯାଇଛି ତାହାର ବିକଳ୍ପ ଗଛ ଲଗାଯାଇ ସେତିକି ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ ୩୦ ବର୍ଷ ଲାଗିଯିବ। ବହୁତଳ ବିଶିଷ୍ଟ ଫ୍ଲାଟ ନିର୍ମାଣ ନିମନ୍ତେ ଗଛ କାଟିବା ନିହାତି ଜରୁରୀ ନଥିଲା। ଗଛ ନକାଟି ମଧ୍ୟ ଘର ନିର୍ମାଣ କରାଯାଇପାରିଥାନ୍ତା। ନଚେତ ବିଧାୟକମାନଙ୍କ ପାଇଁ ଅନ୍ୟ ସ୍ଥାନରେ ଘର ତିଆରି କରାଗଲେ କ୍ଷତି କ'ଣ ହେବ ? ଏଭଳି ଅବାଧ ଗଛକଟାକୁ ସମ୍ପୃକ୍ତ ବିଧାୟକମାନେ ପ୍ରଥମେ ବିରୋଧ କରିବାର ଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ସେମାନେ ନିଜ ସ୍ୱାର୍ଥ ପାଇଁ ନିରବ ରହୁଛନ୍ତି। ଏଥିନେଇ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ବାସ୍ତବରେ ଏହାକୁ ହାଲୁକାଭାବେ ଗ୍ରହଣ କରାଯିବା ଅନୁଚିତ। ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ଯେମିତିକି ଭବିଷ୍ୟତରେ ଆଉ କେହି ଏପରି କାର୍ଯ୍ୟକରିବାକୁ ସାହସ କରିବେ ନାହିଁ। ଯଦି କୌଣସି ବେସରକାରୀ ସଂସ୍ଥା ବା ବ୍ୟକ୍ତି ବିଶେଷ ନିଜ ଘର ବା କୋଠା ନିର୍ମାଣ ନିମନ୍ତେ ଗଛ କାଟିବ , ତେବେ ସରକାରୀ ବାବୁମାନେ ତାଙ୍କୁ ମୋଟା ଅଙ୍କର ଜରିମାନା କରିବେ ଏବଂ ବେଶ କଠୋର ଦଣ୍ଡ ବିଧାନ ହେବ। କିନ୍ତୁ ଏଠାରେ ଯିଏ ରକ୍ଷକ ହେବା କଥା, ସେ ହିଁ ଭକ୍ଷକ ହୋଇଛି। ତାଙ୍କ ବିରୋଧରେ ଅଧିକ କଠୋର ଭୂମିକା ଗ୍ରହଣ କରାଯିବା ଉଚିତ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ଘଟଣାର ଅନେକ ଉଦାହରଣ ରହିଛି ଯେଉଁଠି ଅବାଧରେ ଗଛ କଟାଯାଉଛି,କିନ୍ତୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନି। ଅନେକ ଶିଳ୍ପ ପ୍ରକଳ୍ପ ଲାଗି ଗଛ କଟା ହେଉଛି। କିନ୍ତୁ ସେତିକି ନୂଆ ଗଛ ଲଗାଯାଉନି। ପୋସ୍କୋ ପ୍ରକଳ୍ପ ଲାଗି ପାରାଦ୍ୱୀପ ନିକଟରେ ଶହ ଶହ ଗଛ କଟାଗଲା। କିନ୍ତୁ ସେହି ଅନୁପାତରେ ଗଛ ଲଗାଗଲାନି। ପୋସ୍କୋ ପ୍ରକଳ୍ପ ବି କାର୍ଯ୍ୟକାରୀ ହେଲାନି। ଏହାକୁ କହନ୍ତି ନିଜ ଗୋଡ଼ରେ କୁରାଢ଼ି ମାରିବା। ଏଥିପାଇଁ ଭବିଷ୍ୟତପୀଢ଼ୀକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆମେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ଏହି ଭୁଲ ନିମନ୍ତେ ଇତିହାସ ଆମକୁ କେବେ କ୍ଷମା ଦେବନାହିଁ। ରାଜଧାନୀ ଭୁବନେଶ୍ୱରରେ ଯେପରି ଅବିଚାରିତ ଭାବେ ଗଛ କଟା ହେଉଛି ତାହା ରାଜଧାନୀବାସୀଙ୍କ ଲାଗି ମହଙ୍ଗା ପଡ଼ିବ। ଆଜି ରାଜଧାନୀ ଭୁବନେଶ୍ୱର ଯଦି ହଟ ଚାମ୍ବରରେ ପରିଣତ ହୋଇଛି ତାହା କେବଳ ଏହି କାରଣରୁ। ଆଜି ରାଜଧାନୀରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି ତାହା କେବଳ ଏହି କାରଣରୁ। ଏହାକୁ ବନ୍ଦ କରିବା ଦାୟିତ୍ୱ ସରକାରଙ୍କର। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେଲେ ଯାଇ ସରକାର ହୁଏତ ଚେତିପାରନ୍ତି।

# ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା। ସମ୍ପୂର୍ଣ୍ଣ ବାରଣ କରି ଗୁରୁମାନେ ଶିଷ୍ୟଙ୍କୁ ଉଦ୍ଧାର ପାଇଁ ନିଜକୁ ବହୁ ସଂସାର ଅଳୀକ ବସ୍ତୁରେ ଜଡ଼ିତ ନ ହେବାପାଇଁ ତାଙ୍କ ଜୀବନର ସିଦ୍ଧ ଆଶୁ ଫଳପ୍ରଦ ବିଦ୍ୟା ଅନେକ ତଥ୍ୟ। ପୂର୍ଣ୍ଣ ତତ୍ତ୍ୱ ଶିକ୍ଷା କହିଥାନ୍ତି କାଳେ ଶିଷ୍ୟ ଗୁରୁଙ୍କ ଅପ୍ରକଟ ପରେ ଭୁଲିଯିବ ସେ ତତ୍ତ୍ୱ ଗୁଡ଼ିକୁ ଭିନ୍ନ ନଜିର ମଧରେ ରଙ୍ଗଦେଇ ଲେଖି ରଖିବାକୁ କହିଥାନ୍ତି। ଆବାହମାନ କାଳରୁ କଥିତ ଓ ଲିଖିତ ଭାଷା ସମ୍ବନ୍ଧର ସଂସ୍କାର, ସଂଶୋଧନ, ଶୋଧ ହୋଇ ଚାଲୁଛି। ଆଜି ଯେପରି ଡଟ କଲମ କାଗଜରେ ସ୍ୱଳ୍ପ ସମୟରେ ଏକଲେଖା ଲେଖି ଦିଆଯାଉଛି ସେପରି ଲେଖା ପୂର୍ବେ ସ୍ୱପ୍ନ ଥିଲା। ଏକ ପାଣ୍ଡୁଲିପି ଛପାଖାନାରେ ଅଳ୍ପ ସମୟରେ ଯେପରି ଛପା ଯାଉଛି ଏହାମଧ ସାତସ୍ୱପ୍ନ ଥିଲା ଲେଖକ ତାଳପତ୍ରକୁ ପାଗ କରି ସାଇଜରେ କାଟି ଠିକ ପତ୍ରରେ ମଧ କଣା କରି ପତ୍ରକୁ ପତ୍ରସୂତା ଡୋରିରେ ଗୁନ୍ଥି ଦୁଇ କାଠପଟା ମଧରେ ସାଇଜ କରି ରଖିଲା ପରେ ପୋଥି ଲେଖା ଆରମ୍ଭ କରୁଥିଲେ। ଏଥିପାଇଁ ଆରମ୍ଭକୁ ଶୁଭ ସମୟଲଗ୍ନ ଧରି କରାଯାଉଥିଲା। ଏ ସମୟର ନୋଟ ଖାତା ତୁଲ୍ୟ ସେ ପୋଥିରେ ଗୁରୁମୁଖ ବାଣୀ ଲିପିବଦ୍ଧ କରାଯାଉଥିଲା ବା କେହି ତାଙ୍କର ସାଧନା ଲବ୍ଧଜ୍ଞାନ ଲେଖୁଥିଲେ। ବିନା ଆଶ୍ରୟରେ, ଛାୟାରେ କୌଣସି ଲେଖା କେହି ଲେଖିବା ସମ୍ଭବ ନୁହେଁ।

ସେତେବେଳେ କୌଣସି ଭାଷାର ଲିପି ବର୍ତ୍ତମାନ ଲିପି ପରି ଏପରି ସଂସ୍କାରିତ ନଥିଲା। ଆମ ଓଡ଼ିଆ ଭାଷାରେ ବହୁକାଳ ପୂର୍ବରୁ କରଣୀ ଭାଷାରେ ଲେଖା ଯାଉଥିଲା ଯାହାକୁ ଏ ସମୟର ପାଠକମାନେ ପଢ଼ିବା ମୁସ୍କିଲ। ଗ୍ରାମ୍ୟ ଅବଧାନମାନେ ଚାହାଳୀ କରି ବା କାହାରି ପିଲାଙ୍କୁ ପାଢ଼ାଲେଖା ଶିକ୍ଷା ଦେଉଥିଲେ, କୁହାଯାଉଥିଲା 'ହରଗୁଣଫେଡ଼ମିଶା ଆଉସବୁ ଫସର ଫସା' ପୁଣି ପ୍ରାଚୀନ କାବ୍ୟରୁ କିଛି ଘୋଷାଇ ଓଡ଼ିଆ ଜଗନ୍ନାଥ ଦାଶଙ୍କ ଭାଗବତ ବୋଲାଇ କିଛି ଲେଖାଇ ଭାଷା ସାହିତ୍ୟ ଶେଷ କରାଉଥିଲେ। ଅଙ୍କରେ ନଳଭଙ୍ଗା, ପାହିଅଣା, କଡ଼ାଗଣ୍ଡା ଶୋଧୀ, ଓଡ଼ାଙ୍କ ଫେଡ଼ାଙ୍କ ଆଦି ଶିକ୍ଷା ଦେବାସହ ମୁହେଁ ମୁହେଁ ହିସାବ କହିବାକୁ ପଡୁଥିଲା ପ୍ରଖର ସ୍ମରଣ ଶକ୍ତିର ସାଧନାରେ ବ୍ରତୀ କରାଯାଉଥିଲା। ଏହିଯୁଗର ବହୁ ପୂର୍ବରୁ ଶିକ୍ଷାକୁ ଏତେ ବ୍ୟାପକ କରାଯାଇ ନଥିଲା। କାଁ ଭାଁ କେଉଁ ଗ୍ରାମରେ ଜଣେ ଦୁଇଜଣ ସମ୍ଭ୍ରାନ୍ତଙ୍କ ଘରେ ଲେଖିପଢ଼ି ଶିଖିଥିଲେ। କେବଳ ଅବଧାନମାନେ ବଂଶାନୁକ୍ରମେ ତାଳପତ୍ର ଜନ୍ମ ଜାତକ ପ୍ରସ୍ତୁତ ବିବାହ ଲଗ୍ନ ପତ୍ର ଲେଖା ପାଇଁ ଅଧ୍ୟୟନ କରୁଥିଲେ। ଖଡ଼ିରତ୍ନ ପରମ୍ପରାରେ ଗ୍ରହଗଣତି କରି ଯୁଗାଦି, ସୃଷ୍ଟ୍ୟାଦି ବା ଏକ ଧାର୍ଯ୍ୟ ବର୍ଷରୁ ଆଗକୁ ଦିନ ଗଣନାରେ ଗ୍ରହ ସ୍ଥିତି ଏକ ସ୍ଥିର ନିୟମରେ କରି ତିଥି ବାର ନକ୍ଷତ୍ର ଯୋଗ କରଣ ଏମିତି ପାଞ୍ଚ ଅଙ୍ଗରେ ପଞ୍ଜାଙ୍ଗ ପ୍ରସ୍ତୁତ କରି ଧର୍ମପ୍ରାଣ ଜନତାଙ୍କ ବିହିତ ପାଳନ ପାଇଁ ତାଳପତ୍ର ପୋଥି ପଞ୍ଜିକା କରୁଥିଲେ। ଚୌପଦୀ, ଅଷ୍ଟପଦୀ ବା ଅଷ୍ଟକ ପରି, ଚଉତିଶା ରଚନାମାନ ପୂର୍ବକାଳ ପଦ୍ୟ ସାହିତ୍ୟଲେଖାକୁ, କାବ୍ୟ ରାଗରେ ଶ୍ଳୋକ ଛନ୍ଦରେ ଲେଖା ଯାଉଥିଲା ପ୍ରବଳ ଶବ୍ଦ ଭାଷା ଜ୍ଞାନ ନହେଲେ ପୁଣି ନିର୍ଭୁଲ ସ୍ମରଣ ନ ହେଲେ ତାଳ ପତ୍ରଟି ଭାବ ବ୍ୟଞ୍ଜକ ନହୋଇ ଲେଖା ଉଦ୍ଦେଶ୍ୟ ପଣ୍ଡ କରିପାରେ ଏ ପାଇଁ ସ୍ଥିର ମତିରେ ପୋଥି ଲେଖାଯାଏ। ପଦ୍ୟରେ ଯତିପାତକୁ ଦୁଇପଦ ସମାନ ଅକ୍ଷର ବିଶିଷ୍ଟ ଧରାଯାଏ, ହେଲେ ଦାଣ୍ଡି ପଦ୍ଧତିରେ ଏକ ପଦରେ ଦୁଇପଦରେ ଅକ୍ଷର ସମାନ ନଥାଏ।

ଏମିତି ମାଳମାଳ ଲୋକ ସାବଧାନୀ ଶିକ୍ଷା ହେଉଛି ମାଳିକା। ବ୍ୟାସଦେବ ଗଣେ ଶିଷ୍ୟ ବସାଇ ନିଜେ ଗଣପତି ଗୁରୁହୋଇ ପୁରାଣ ସ୍ୱ ବୟାନକୁ ଲିପିବଦ୍ଧ ପ୍ରଥମେ ତାଳପତ୍ରରେ କରାଇଥିଲେ। ଯାହା ଏ ସମୟରେ ବହି ବାଣିଜ୍ୟରେ ଆସିଯାଇଛି। ସେମିତିକା ଭବିଷ୍ୟତ ସାବଧାନୀ ସତର୍କ ଶାସ୍ତ୍ର ମାଳିକା ଯାହା ବିଭିନ୍ନ ସ୍ଥାନ ବିଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସମୟ ପାଇଁ ଉଦ୍ଦିଷ୍ଟ ତାକୁ ପ୍ରକାଶ ସାର୍ବଜନୀନ ମନାକୁ ସମୟାତୀତକୁ ଅନେକ ପିଢ଼ି ପରେ ଗୁରୁ ବାରଣ କଣ ଥିଲା କାହିଁକି ଥିଲା ନଜାଣି ହଇଚଇ ପାଇଁ ଛପାବହି ଯୋଗ ଆଓ୍ୱାଜରେ ଟିଭି ମୋବାଇଲରେ ବୟାନ ଦେଉଛନ୍ତି। କାହିଁକି କୁହାଯାଇଛି 'ଗହଣା ନୋହିଲେ ଘୋଡ଼ାଇ ଚାଲ' ସମସ୍ତେ ବସ୍ତ୍ର ପିନ୍ଧୁଛନ୍ତି କାହିଁକି ? ସମସ୍ତେ ଉଲଗ୍ନ ହେଲେ ଲଜ୍ୟା କାହାକୁ ଲାଗନ୍ତା। ସ୍ଥାନ ମାନଙ୍କର ନାମ ରାଜ୍ୟର ନାମ କେମିତି ତତ୍କାଳୀନ ଜଣାଥିଲା, ମାଳିକା କଣ କେବଳ ପୁରୀ କଟକ ପାଇଁ ଲେଖା ଯାଇଛି, ଜଳପ୍ରଳୟ କଣ କେବଳ ଆମରି ହୀରାକୁଦ ବନ୍ଧ ସହ ଜଡ଼ିତ। ହିମାଳୟ ବରଫ ତରଳୁଛି ମେରୁରେ ବରଫ ତରଳୁଛି ଏ ପାଇଁ କଣ ଜଳ ପ୍ଲାବନ ହେବନାହିଁ ? ସୁନାମୀ ବିଭିନ୍ନ ସ୍ଥାନରେ ହେଉଛି ଏହା କଣ ପ୍ରଳୟ ନୁହେଁ ? ଯୁଦ୍ଧର ଧରା ବଦଳିଛି କେତେଲୋକ ବିନା କାରଣରୁ ମାରୁଛନ୍ତି ମରୁଛନ୍ତି ଏହା କଣ ମାରୀ ଭୟ ନୁହେଁ ? ତେଣୁ କାଳ ପତ୍ର ବିଚାରରେ ଶାସ୍ତ୍ର ବୟାନ କଲେ ଦୋଷ ଲାଗନ୍ତା ନାହିଁ, କଣ କଲେ ଲୋକ ଅକାଳମୃତ୍ୟୁ ଭୟରେ ପଡ଼ିବେ ନାହିଁ ଯେତେବେଳେ ଶ୍ରୀଚୈତନ୍ୟ ଦେବ ପ୍ରଚାର ଆରମ୍ଭ କରିଥିଲେ ଠିକ ସେତିକି ବେଳେ ମାଳିକା ସ୍ରଷ୍ଟାଙ୍କ ଭବିଷ୍ୟତ ବାଣୀ ତାଙ୍କ ସମ୍ପ୍ରଦାୟ ଶିଷ୍ୟ ଗଣଙ୍କୁ ଦିଆଯାଇ ସତର୍କ କରାଯାଇଥିଲା। ଏ ସମୟରେ କାହାରି ବେକରେ ମାଳି କଣ୍ଠି ନାହିଁ କେହି କାଛିଆ କୌପିନ ପିନ୍ଧୁନାହାନ୍ତି। କାହାରି ମୁଣ୍ଡରେ ଛୁଟି ଜଟ ନାହିଁ, ଭୋଜନରେ ବାଗବାଇଶ ନାହିଁ ଅନେକ ପ୍ୟାଣ୍ଟ ପିନ୍ଧି ଠିଆ ହୋଇ ପରିସ୍ରା କରୁଛନ୍ତି ଏପରିକି ସୁଟ ପିନ୍ଧି ମୃଦଙ୍ଗ ବଜାଉଛନ୍ତି, କଣ ଶୁଦ୍ଧ କଣ ଅଶୁଦ୍ଧ ଜ୍ଞାନ ଉଭାନ ପୁରୋହିତ ଗିରି ନେତାଏ କଲେଣି, କାହିଁ ଚୈତନ୍ୟ ପଥ, କାହାନ୍ତି ଅଚ୍ୟୁତ, ହାଡ଼ିଦାସଙ୍କ ସତର୍କ ବାଣୀର ପାଳନ କାରି, କାହାନ୍ତି ? ପୁଣି କାହାନ୍ତି ସେହି ପଥର ପ୍ରତିକାର କରି ପ୍ରଶାସକ ଜନତା ଜନାର୍ଦ୍ଦନ ? ମନ୍ଦିର ଜୀର୍ଣ୍ଣଉଦ୍ଧାର ଠାରୁ ଦୈବୀ ଉତ୍ପାତରୁ ରାଜ୍ୟ ଭୂମି ରକ୍ଷା ଆଗ, କିଏ ବିଚାର କରିବ ?

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଏପରି ସଜାନ୍ତୁ ଡାଇନିଙ୍ଗ୍

**ଅପର୍ଣ୍ଣା ନାୟକ**

ମହିଳାମାନେ ଘରକୁ ସୁନ୍ଦର କରି ସଜାଇବାକୁ ପସନ୍ଦ କରନ୍ତି। ହେଲେ ଡାଇନିଙ୍ଗ ଟେବୁଲ ପ୍ରତି କେହି ଏତେଟା ଧ୍ୟାନ ଦିଅନ୍ତିନି। ସେହିପରି ଅଧିକାଂଶ ଘରେ ମଧ ଡାଇନିଙ୍ଗ ଏରିଆ ଛୋଟ ଥାଏ। ତେଣୁ ଚାହିଁଲେ କମ ଖର୍ଚ୍ଚରେ ମଧ ଡାଇନିଙ୍ଗକୁ ସୁନ୍ଦର କରି ସଜାଇପାରିବେ।

ଝୁମର : ଝୁମର ଘରକୁ ଏକ ରାଜକୀୟ ଲୁକ ଦେଇଥାଏ। ଏହା ଡାଇନିଙ୍ଗର ସୁନ୍ଦରତା ଦ୍ୱିଗୁଣିତ କରିଥାଏ। ତେବେ ଡାଇନିଙ୍ଗ ଟେବୁଲର ଠିକ ମଝିଭାଗରେ ଝୁମର ଲଗାଇଲେ ଏହା ବେଶି ଭଲ ଦିଶିଥାଏ।

ୱାଲ ପେପର : ଘର କାନ୍ଥ ପୁରୁଣା ଥିଲେ ଏଥିରେ ୱାଲ ପେପର ଲଗାଇ ସଜାଇ ପାରିବେ। ଏହା କାନ୍ଥର ସୁନ୍ଦରତା ବୃଦ୍ଧି କରିଥାଏ। ଏଥିସହ କମ ଖର୍ଚ୍ଚରେ ଏହି କାର୍ଯ୍ୟ ହୋଇଥାଏ।

କାରପେଟ : କାରପେଟ ପକାଇଲେ ଛୋଟ ଘର ମଧ ସୁନ୍ଦର ଦିଶିଥାଏ। ତେଣୁ ଏହାକୁ ଇଣ୍ଟେରିୟର ଡିଜାଇନରେ ସାମିଲ କରିବା ଭଲ। କାରପେଟ୍ ସାଇଜ ଡାଇନିଙ୍ଗ ଟେବୁଲ ଆକାରଠୁ ବଡ଼ ହେବା ଆବଶ୍ୟକ।

ଫୁଲଦାନୀ : ଡାଇନିଙ୍ଗ ଟେବୁଲ ମଧରେ ଏକ ଫ୍ଲାୱାର ପଟ, ସତେଜ ଫୁଲ, ଫଳ ଟୋକେଇ ତଥା ସୁନ୍ଦର ସୋପିସ ରଖିପାରିବେ। ଏହା ଡାଇନିଙ୍ଗକୁ ଖୁବ ସୁନ୍ଦର କରିଥାଏ।

ମହମବତୀ : ସେହିପରି ଡାଇନିଙ୍ଗକୁ ସୁନ୍ଦର କରିବା ପାଇଁ, ଚାହିଁଲେ ରଙ୍ଗିନ ମହମବତୀ ଲଗାଇପାରିବେ। ଏଥିସହ କାନ୍ଥରେ ଖାଦ୍ୟ ସମ୍ବନ୍ଧୀୟ ପେଣ୍ଟିଙ୍ଗ ମଧ ଲଗାଇପାରିବେ।

କାଠ ଉପକରଣ : ଡାଇନିଙ୍ଗ ଟେବୁଲକୁ ଭିନ୍ନ ଲୁକ ଦେବାକୁ ଚାହୁଁଥିଲେ, କାଠ ବାସନ ସହ ସାଜଉପକରଣ ମିଶାଇ ପାରିବେ। ଏହା ଖାଦ୍ୟ ସହ ଡାଇନିଙ୍ଗ ହଲର ଶୋଭାବର୍ଦ୍ଧନ କରିଥାଏ।

ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬

# ବିକଶିତ ଭାରତର ଗେଟଓ୍ୱେ ହେବ ଓଡ଼ିଶା

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଦାୟିତ୍ୱ ଗ୍ରହଣ କଲାପରେ ଅଭିବୃଦ୍ଧିର ବେଗ ଆହୁରି ଗତିଶୀଳ ହେଉଛି। ତ୍ୱରାନ୍ୱିତ ହେଉଛି ରାଜ୍ୟର ବିଭିନ୍ନ ଯୋଜନା। ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ମୁଖଶାଳା ଭାବେ ଗ୍ରହଣ କରିଥିବାରୁ ରାଜ୍ୟକୁ ପର୍ଯ୍ୟାପ୍ତ ପୁଞ୍ଜି ଓ କେନ୍ଦ୍ରୀୟ ସହଯୋଗ ଆସୁଛି। ତେବେ ଏହା ଭିତରେ ଆଉ ଗୋଟିଏ ଖୁସିର କଥା ଏହା ଯେ, ୨୦୩୬ ବେଳକୁ୫୦୦ ବିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ ଦିଗରେ ରାଜ୍ୟ ଅଗ୍ରସର। ଏକ୍ଷେତ୍ରରେ ୩ ପ୍ରମୁଖ ସ୍ତମ୍ଭ ହେଉଛି ସମାବେଶୀ ବିକାଶ, ସୁସ୍ଥତା ଏବଂ ସମୃଦ୍ଧି। କହିବାକୁଗଲେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶା ଗେଟଓ୍ୱେ ହେବ।

୧୧୨ ବିଲିୟନ ଡଲାର ଅର୍ଥନୀତି ଏବଂ ୮% ଅଭିବୃଦ୍ଧି ସହ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ପାଲଟିଛି ଓଡ଼ିଶା। ଖଣି ଓ ଧାତବ କ୍ଷେତ୍ର ନେତୃତ୍ୱ ସହ ଇଜ ଅଫ ଡୁଇଁ ବିଜନେସରେ ରାଜ୍ୟ ଟପ ଆଚିଭର। ରାଜ୍ୟରେ ୬୯.୪% ଯୁବ ବର୍ଗ ଶ୍ରମଶକ୍ତି। ସୁଦୀର୍ଘ ବେଳାଭୂମି ସହ ରାଜ୍ୟ ଏସିଆର ପ୍ରବେଶ ପଥ। ରାଜ୍ୟ ଭାଲ୍ୟୁ ମାନୁଫାକଚରିଂକୁ ଗୁରୁତ୍ୱ ଦେଉଛି। ସ୍କିଲ ଇନ ଓଡ଼ିଶା ସ୍କିଲ ଫର ୱାର୍ଲଡ଼କୁ ମିଳିଛି ପ୍ରାଥମିକତା। ଏ କ୍ଷେତ୍ରରେ ଜିଏଫଟିଏନ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟ ଖଣି ଅର୍ଥନୀତି ସହ ମାଇଣ୍ଡ ଇକୋନୋମି ମଧ ଗୁରୁତ୍ୱ ଦେଉଛି। ବ୍ଲାକ ସ୍ୱାନ ସମ୍ମିଟ ରାଜ୍ୟ ପାଇଁ ସଯୋଗ ଆଣିବ ବୋଲି ଶ୍ରୀମତୀ ଗର୍ଗ ଉଲ୍ଲେଖ କରିଛନ୍ତି। ଏହି କାର୍ଯ୍ୟକ୍ରମ ଏଆଇ ଯୁଗରେ ଫିନଟେକ, ଇନସ୍ୟୁରେଟେକ କ୍ଷେତ୍ର ଲାଗି ଦକ୍ଷ ଶ୍ରମଶକ୍ତି ସୃଷ୍ଟି, ଓଡ଼ିଶାକୁ ଫିନଟେକ ଲିହର ଏବଂ ନିବେଶ ଆକୃଷ୍ଟ ଲକ୍ଷ୍ୟ ରଖିଛି। ଏ ଦିଗରେ ଆରମ୍ଭ ହୋଇଛି ପାଞ୍ଚ ମାସିଆ ଫିନଟେକ ଏବଂ ଇନସ୍ୟୁରଟେକ ହାଇବ୍ରିଡ଼ ତାଲିମ କାର୍ଯ୍ୟକ୍ରମ। ଏହାର ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀ ଇତିମଧରେ ଗ୍ରାଜୁଏଟ ଯୋଗ୍ୟତା ପାଇପାରିଛନ୍ତି। ନ୍ୟାସନାଲ ୟୁନିଭର୍ସିଟି ଅଫ ସିଙ୍ଗାପୁର, ଏସିଆନ ଇନଷ୍ଟିଚ୍ୟୁଟ ଅଫ ଡିଜିଟାଲ ଫାଇନାନ୍ସ ଏହାର ରୂପରେଖ ପ୍ରସ୍ତୁତ କରିଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ୧୫ କମ୍ପାନୀଙ୍କ ସହ ଏମଓୟୁ ହେବା ଆଶା ରଖାଯାଇଛି।

ଫିନଟେକ ଏବଂ ଇନସ୍ୟୁରାନ୍ସ ଟେକ ଭବିଷ୍ୟତ ନିଯୁକ୍ତି କ୍ଷେତ୍ର ପାଲଟିଛି। ଓଡ଼ିଶାର ୭ ହଜାର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ତାଲିମ ଅଧିକ ଷ୍ଟାର୍ଟଅପ ସହ ନୂଆ ସୁଯୋଗ ଆଣିବ। ନବସୃଜନକୁ ପ୍ରୋତ୍ସାହନ ଏବଂ ନୀତିଗତ ସମ୍ଭାବନା ଦିଗରେ ଏହି ସମ୍ମିଳନୀ ସହାୟକ ହେବ। ଦକ୍ଷତା ବିକାଶ, ନବସୃଜନ, ବିଶ୍ୱ ଚିନ୍ତାଧାରା ଏବଂ ବିଶ୍ୱ ବଜାର ସହ ଯୋଡ଼ି ହୋଇପାରିବ।

ଓଡ଼ିଶା ଦକ୍ଷତା ବିକାଶ ଏବଂ ଶିଳ୍ପ ଉପଯୋଗୀ ଶ୍ରମ ଶକ୍ତି ଗଢ଼ି ତୋଳିବା ଉପରେ ଫୋକସ କରିଛି। କୃତୀତ୍ୱପୂର୍ଣ୍ଣ ଓ ମେଧାବୀ ଛାତ୍ରଛାତ୍ରୀ ଦେଶର ଡିଜିଟାଲ ଏବଂ ଆର୍ଥିକ କ୍ଷେତ୍ରକୁ ଦୃଢ଼ କରିବା ଦିଗରେ ବଳିଷ୍ଠ ଯୋଗଦାନ ଦିଅନ୍ତି। ଓଡ଼ିଶାରେ ଆଇଟି ବିକାଶର ଦିଗକୁ (କ୍ରମଶଃ)



# ଦି କଳିଙ୍ଗ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ଗୋପ,୧୭।୨:(ମନ୍ଥନ)ପୁରୀ ଜିଲ୍ଲା ର ଗୋପ ବ୍ଲକ ର ଅଗ୍ରଣୀ ଓ ସର୍ବ ପୁରାତନ ଘରୋଇ ଇଂଲିଶ ମିଡିୟମ ଶିକ୍ଷାନୁଷ୍ଠାନ ଦି କଳିଙ୍ଗ ପବ୍ଲିକ ସ୍କୁଲ୍ ର ଗତ କାଲି ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚଳିତ ଶିକ୍ଷାବର୍ଷ ୨୦୨୫-୨୦୨୬ ର ଆନୁଆଲ ଗ୍ୟାଦରିଙ୍ଗ ଆଣ୍ଡ ଆୱାର୍ଡ୍ ସେରିମନି ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ କ୍ରୀଡା ମହୋତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗୋପ ଅଞ୍ଚଳ ର ବିଶିଷ୍ଟ ଶିକ୍ଷାବିତ ଶ୍ରୀଯୁକ୍ତ ରବିନ୍ଦ୍ର ନାଥ ସିଂହ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ପିଏମ୍ ଶ୍ରୀ ନଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । କଥା ପ୍ରସଙ୍ଗରେ ଅନେକ ଉପାଦାୟ ବିଷୟରେ ଅବିଭାବକ ଙ୍କୁ ଅବଗତ କରାଇଥିଲେ । ବୁଦ୍ଧ ଙ୍କ ମୌନ ଅବତାର ସମ୍ପର୍କ ଖୁବ ଚମତ୍କାର ଉଦାହରଣ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଗୋପ ର ଆର୍ଥିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ଦୀପକ କୁମାର ସେନାପତି ଯୋଗଦାନ କରିଥିଲେ । ଶିକ୍ଷା ପ୍ରତି ଛାତ୍ର ଛାତ୍ରୀ ଙ୍କ ଆଗ୍ରହ ବୃଦ୍ଧି କରିବାପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଅପେକ୍ଷା ଅବିଭାବକ ଙ୍କ ଦାୟିତ୍ୱ ଅଧିକ ବୋଲି ଶ୍ରୀଯୁକ୍ତ ସିଂ କହିଥିଲେ । ବିଦ୍ୟାଳୟର ଅଧକ୍ଷ ତଥା




ସମ୍ପାଦକ ଶ୍ରୀଯୁକ୍ତ ପୁନେଶ କୁମାର ସେନାପତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଟି ଆରମ୍ଭ ହୋଇଥିଲା । ଏଥିରେ କ୍ରୀଡା, ବିଜ୍ଞାନ ପ୍ରକଳ୍ପ, ସାଧାରଣଜ୍ଞାନ, ରାଇମ୍ସ, ଇଂରାଜୀ ରଚନା ଓ ବକ୍ତୃତା ପ୍ରତିଯୋଗିତା ପରି ଅନେକ ବିଭାଗରେ କୃତିତ୍ୱ ହାସଲ କରିଥିବା ୭୧ ଜଣ ଛାତ୍ରଛାତ୍ରୀ ଙ୍କୁ ୧୮୫ ଟି ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ, ବିଦ୍ୟାଶ୍ରୀ, ସୁଜାତା, ବିଦ୍ୟା ବିଭୂଷିତା ଓ ଶ୍ରାବଣୀ ପ୍ରକଳ୍ପ ସଞ୍ଜୋଯିକା ଭାବେ ସମ୍ମାନିତ ହୋଇଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟକାର୍ଯ୍ୟ ପାଇଁ ଗୋପ ଅଞ୍ଚଳ ର ପ୍ରତିଷ୍ଠିତ ସମ୍ବାଦପତ୍ରର ପ୍ରତିନିଧିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ( ଗୋପ ଗୌରବ ) ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରଥମ କରି ଗୋପ ଅଞ୍ଚଳ ର କାର୍ଯ୍ୟରତ ଗଣମାଧମ ପ୍ରତିନିଧି ମାନଙ୍କୁ ଏକ ଶିକ୍ଷାନୁଷ୍ଠାନ ସମ୍ମାନୀତ କରିଥିବାର ପ୍ରେସ କ୍ଲବ ଓ ସାମ୍ବାଦିକ ସଙ୍ଘ ପକ୍ଷରୁ ସାଧୁବାଦ ଦେବା ସହିତ ଶ୍ରୀଯୁକ୍ତ ସେନାପତି ଙ୍କୁ ଉଚ୍ଚ ପ୍ରଶଂସିତ କରିଥିଲେ । କାଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥୁଲା । ଏହାକୁ ବହୁସଂଖ୍ୟାରେ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଉପଭୋଗ କରିଥୁଲେ । ଉକ୍ତ କାଯ୍ୟକ୍ରକକୁ ସୁଚାରୁରୂପର ପରିଚାଳନା କରିଥିଲେ ଶିକ୍ଷାନୁଷ୍ଠାନ ର ଶିକ୍ଷୟିତ୍ରୀ ସରିତା . ବିଦ୍ୟାବିଭୂଷିତା, ବିଦ୍ୟାଶ୍ରୀ . ଶ୍ରାବଣୀ . ସୁଜାତା . ସୁନନ୍ଦା, ସୁସ୍ମିତା . ସୋନାଲି, ବିନୋଦିନୀ ଅନ୍ନପୂର୍ଣ୍ଣ ଓ ମୀନା ପୃଷ୍ଟି ପ୍ରମୁଖ ସହୋଯୋଗ କରି ଥିଲେ ।

# ବ୍ରହ୍ମଗିରି ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି




ବ୍ରହ୍ମଗିରି,୧୭।୨:(ମନ୍ଥନ) ମଙ୍ଗଳବାର ଦିନ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ମୋଟ ୬୬ଟି ଅଭିଯୋଗ ମିଳିଥିଲା । ଏଥିରେ ଆବାସ ଯୋଜନା, ଭତା ଏବଂ ଜମିଜମା ସମସ୍ୟା ଉପରେ ଅଧିକ ଅଭିଯୋଗକାରୀମାନେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । କିଛି ଅଭିଯୋଗକୁ ସଙ୍ଗେସଙ୍ଗେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଆଉ କିଛି ସମସ୍ୟା ୭ ଦିନ ଭିତରେ ସମାଧାନ ହୋଇଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା । ଏହି ଶୁଣାଣୀ ରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଗ୍ରାମ୍ୟ ଉର୍ଣ୍ଣୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା,ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ,ବ୍ରହ୍ମଗିରି ବିଡ଼ିଓ ମନୀଷା ଶଡଙ୍ଗୀ ଓ ତହସିଲଦାର ଶଶୀଭୂଷଣ ମିଶ୍ର ଏବଂ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅନ୍ୟପଟରେ ବିଭିନ୍ନ ସମସ୍ୟା କୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏବେ ବି ସମାଧନ ହୋଇ ନ ଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି । ଜନଶୁଣାଣୀ ର ସଠିକ ଭାବେ ପ୍ରଚାର ପ୍ରସାର ହେଉନାହିଁ ବୋଲି ଅଧିକାରୀଙ୍କ ତୁଳନାରେ ଅଭିଯୋଗ କାରୀଙ୍କ ସଂଖ୍ୟା କମ ଦେଖିବାକୁ ମିଳିଥିଲା ।

# ପାରାଦ୍ୱୀପ ନିଷିଦ୍ଧାଞ୍ଚଳ ରେ ହରିଣ ଉଦ୍ଧାର

ପାରାଦୀପ,୧୭।୨:(ମନ୍ଥନ) ପାରାଦୀପ ବନ୍ଦରର ସାଉଥ ବ୍ରେକୱାଟର ନିଷିଦ୍ଧାଞ୍ଚଳରେ ଉଦ୍ଧାର ହୋଇଛି ହରିଣ ଛୋଟ ହରିଣ ଟି ଭୟଭୀତ ଅବସ୍ଥାରେ ଏଣେତେଣେ ଘୁରି ବୁଲୁଥିବା ନେଇ ପାରାଦୀପ ବନ୍ଦର ର ସିଆଇଏସଏଫ ୟୁନିଟ ଖବର ପାଇବା ପରେ ତୁରନ୍ତ ଏହି ହରିଣ କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିବା ସହିତ କୁଜଙ୍ଗ ବନବିଭାଗ କୁ ଖବର ଦେଇଥିଲେ । ପାରାଦୀପ ବନ୍ଦର ସିଆଇଏସଏଫ ୟୁନିଟ ଏବଂ କୁଜଙ୍ଗ ବନବିଭାଗ ର ମିଳିତ ଟିମ ଅଭିଯାନ ଚଳାଇ ହରିଣ ଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ହରିଣ ଟି ଭୟଭୀତ ଅବସ୍ଥାରେ ରହିଥିବା କାରଣ ରୁ କୁଜଙ୍ଗ ବନବିଭାଗ ତରଫରୁ ପ୍ରଥମେ ପଶୁଚିକିତ୍ସାଳୟ ରେ ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବାନେଇ ଡାକ୍ତର କହିଥିଲେ । ସିଆଇଏସଏଫ ତରଫରୁ ଉକ୍ତ ହରିଣ ଟିକୁ କୁଜଙ୍ଗ ବନବିଭାଗ କୁ ହସ୍ତାନ୍ତର କରିବା ପରେ ଏହି ହରିଣ କୁ କୁଜଙ୍ଗ ବନବିଭାଗ ସ୍ଥାନୀୟ ଜଙ୍ଗଲ ରେ ଛାଡ଼ିଥିବା ସୂଚନା ମିଳିଛି ।



# ଐତିହାସିକ ଦୋଳ ଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

ଗଞ୍ଜାମ,୧୭।୨:(ମନ୍ଥନ)ଗଞ୍ଜାମ ର ଐତିହାସିକ ଦୋଳଯାତ୍ରା ପାଇଁ ପୋତାଗଡ଼ ନିକଟସ୍ଥ କଲ୍ୟାଣ ମଣ୍ଡପ ରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଆୟୁଷ ଡ଼କ୍ଟର ବନଜ କାନ୍ତ କର, , ଅତିରିକ୍ତ ଥାନା ଅଧିକାରୀ ଶୁଭଲକ୍ଷ୍ମୀ କଅଁର ପ୍ରମୁଖ ଙ୍କ ସହ ବିଭିନ୍ନ ବିଭାଗିୟ ଅଧିକାରୀ, ବିଭିନ୍ନ ୱାର୍ଡ କାଉନସିଲର, ମନ୍ଦିର ପରିଚାଳନା କମିଟି ଓ ଗଣ ମାଧମ ପ୍ରତିନିଧି ଉପସ୍ଥିତ ରହିଥିଲେ । ବିଶେଷ ଭାବେ ବିଭିନ୍ନ ଅଞ୍ଚଳରେ ଅସଜଡ଼ା ବିଦ୍ୟୁତ ତାର ଯୋଗୁଁ ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ସେହିପରି ଜନ ସ୍ୱାସ୍ଥ୍ୟ ବିଭାଗ କନିଷ୍ଟ ଯନ୍ତ୍ରୀ ଅନୁପସ୍ଥିତ ରହିଥିବା ଯୋଗୁଁ ଉପସ୍ଥିତ ଯାତ୍ରା କମିଟି ପକ୍ଷରୁ ପ୍ରତିବାଦ କରାଯାଇଥିଲା । ବୈଠକରେ ପୂର୍ବ ବର୍ଷର ବିବରଣୀ ପଠନ କରାଯାଇଥିଲା । ବିଶେଷ କରି ସାହି ଯାତ୍ରା ବଜାର ଯାତ୍ରା ସମୟରେ କିପରି ସୂଚାରୁ ରୂପେ ହୋଇପାରିବ ସେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ସୁସଜ୍ଜିତ ଦୋଳ ବୀମାନ ବଜାର ଯାତ୍ରା ସ୍ଥଳକୁ ଯିବା ଏବଂ ଫେରିବା ସମୟରେ କିପରି ଏବଂ ଯାତ୍ରା ପରିବେଷଣ ସମୟରେ କିପରି ଶାନ୍ତି ଶୃଙ୍ଖଳା ସହକାରେ ସମପନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ପରିମଳ ସୁବ୍ୟବସ୍ଥା, ଆଲୋକୀକରଣ, ଟ୍ରାଫିକ ବ୍ୟବସ୍ଥା କୁ ଗୁରୁତ୍ୱ ଦିଆଯିବାକୁ ମତ ପ୍ରକାଶ ପାଇଥିଲା । ଠାକୁର ମାନଙ୍କୁ କିପରି ଯାତ୍ରା ସ୍ଥଳକୁ ନିର୍ଦ୍ଧାରିତ ସମୟରେ ନିଆଯାଇ ପୁଣି ମନ୍ଦିର ଅଭିମୁଖେ ଫେରିବା ଉପରେ ମନ୍ଦିର ପରିଚାଳନା କମିଟିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବୈଠକ ରେ ରାଉଳ ସାହି, ସମନ୍ତରା ସାହି ଓ ଦାମୋଦରପୁର ଯାତ୍ରା କମିଟି ଯାହାକି ଉକ୍ତ ଯାତ୍ରା ର ଗୁରୁତ୍ୱ ବହନ କରୁଥିବା ଯାତ୍ରା କମିଟି ଅନୁପସ୍ଥିତ ରହିଥିବା



ବୈଠକରେ ଆଲୋଚ୍ୟର ବିଷୟ ପାଲଟିଥିଲା ।ଯାତ୍ରା ସମୟରେ ମଦ ଦୋକାନ ଗୁଡିକ ବନ୍ଦ ରଖିବା ନେଇ ଅବକାରୀ ବିଭାଗ କୁ ସୂଚିତ କରାଯାଇଥିଲା । ବିଶେଷ କରି ପାଞ୍ଚଦିନ ଧରି ହେବାକୁ ଥିବା ଦୋଯାତ୍ରା ର ୧ ତାରିଖରେ ସାହି ଯାତ୍ରା ହେବାକୁଥିବା ୨ ତାରିଖ ରାତ୍ର ରେ ବଜାର ଯାତ୍ରା ଓ ୩ ତାରିଖରେ ଦୋଳ ପୂର୍ଣ୍ଣିମା କିପରି ଶାନ୍ତି ଶୃଙ୍ଖଳା ର ସହ ସମାପନ ହୋଇପାରିବ ୧୬ ମନ୍ଦିର ପରିଚାଳନା କମିଟି ପକ୍ଷରୁ କିପରି ସୁପରିଚାଳନା ହୋଇପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# ମହାଶିବରାତ୍ରୀ ଉପଲକ୍ଷେ ଗୋରେଖନାଥ ପୀଠ ଚଳଚଞ୍ଚଳ

ଜଗତସିଂହପୁର,୧୭।୨:(ମନ୍ଥନ)ମହାଶିବରାତ୍ରି ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା । ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହ ଉଜାଗର ରହି ଦୀପ ଜାଳିଥିଲେ । ବଡି ଭୋରୁ ପ୍ରଭୁଙ୍କୁ ଚିତାଲାଗି କରାଯାଇ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ପୀଠକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା । ଧିରେ ଧିରେ ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଭିଡକୁ ନିୟନ୍ତ୍ରଣ ପାଇଁ ତିର୍ତ୍ତୋଲ ଥାନା ପକ୍ଷରୁ ଆବଶ୍ୟକ ସଂଖ୍ୟକ ପୋଲିସ ବ୍ୟବସ୍ଥା ନଥିବାରୁ ରାସ୍ତାଘାଟ ଠାରୁ ଆରମ୍ଭ କରି ପୀଠ ମଧରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା । ପର୍ବପର୍ବାଣୀ ସମୟରେ ଜିଲ୍ଲା ପୋଲିସ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେଉନଥିବାରୁ ଏପରି ବ୍ୟତିକ୍ରମ ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପୀଠର ତିନି ଦ୍ୱାରରେ ଥିବା ବିଭିନ୍ନ ଦୋକାନରେ ଶୁଖିଲା ଭୋଗ ଓ ଦୀପ ପର୍ଯ୍ୟାପ୍ତ ପରିମାଣରେ ବିକ୍ରୟ ପାଇଁ ଉପଲବ୍ଧ ରହିଥିଲା । ଶ୍ରଦ୍ଧାଳୁ ମାନସିକଧାରୀମାନେ ସେଠାରୁ ଭୋଗ କ୍ରୟ କରିନେଉଥିବା ଯୋଗୁଁ ପୀଠ ପକ୍ଷରୁ ନିଲାମ ଧରିଥିବା ଭୋଗ ଓ ଦୀପ ଦୋକାନରେ କାରବାର ଆଶାନୁରୂପକ ହୋଇନଥିବା ନିଲାମଧାରି ସତ୍ୟବ୍ରତ ତ୍ରିପାଠୀ ଓ ରମେଶ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି । ଯାହାଫଳରେ ସେମାନଙ୍କର ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା ସେମାନେ ପ୍ରକାଶ କରିଛନ୍ତି । ସନ୍ଧ୍ୟାରୁ ଓଷା ରଖିଥିବା ବ୍ୟକ୍ତିମାନେ ପ୍ରଭୁଙ୍କ ସମ୍ମୁଖରେ ଦୀପ ଜାଳି ବସିରହିଥିଲେ । ପ୍ରଭୁଙ୍କ ପୂଜା କାର୍ଯ୍ୟ ସମାପନ ପରେ ରାତି ୧୦ ଘଟିକାରେ ମହାଦୀପ ଉଠିଥିଲା ।ସେହିପରି କୋରକରା ସ୍ଥିତ ରୁଦ୍ରେଶ୍ୱର,ଉତ୍ତରକୁଳ ନୀଳକଣ୍ଠେଶ୍ୱର,ତାରପୁର ବାନାମ୍ବର,ଗୋକୁଳପୁର ଆଖଣ୍ଡଳମଣି,କପାଳେସ୍ୱର,ସଙ୍କରେଶ୍ୱର, ଇସାଣେସ୍ୱର ଆଦି ମହାଦେବ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗିରାହିବା ସହ ବିଳମ୍ବିତ ରାତ୍ରୀରେ ମହାଦୀପ ଉଠିଥିଲା ।

# ପାକିସ୍ତାନରେ ବେଲଗାମ୍ ଅନର କିଲିଂ

ନୂଆଦିଲ୍ଲୀ,୧୭।୨(ଏଜେନ୍ସି):ପାକିସ୍ତାନରେ ଅନର କିଲିଂର ବୃଦ୍ଧି ପାଉଥିବା ଘଟଣା ଏକ ଗମ୍ଭୀର ମାନବାଧିକାର ସଙ୍କଟ ପାଲଟିଛି । ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଦେଶରେ ଏହି ହତ୍ୟାକାଣ୍ଡର ସଂଖ୍ୟା ବହୁତ ଅଧିକ, କିନ୍ତୁ ଅପରାଧୀମାନଙ୍କୁ ଦଣ୍ଡ ଦେବାର ହାର ଚିନ୍ତାଜନକ ଭାବରେ କମ୍ ରହିଛି । ବ୍ୟକ୍ତିଗତ ଦୁଃଖଦ ଘଟଣା ବ୍ୟତୀତ, ଏହି ପ୍ରସଙ୍ଗ ଏକ ଭୟଙ୍କର ଜାତୀୟ ଚିତ୍ର ଆଙ୍କିଛି ଯେଉଁଠି ନ୍ୟାୟର ଆଶା କ୍ରମଶଃ କ୍ଷୀଣ ହେବାରେ ଲାଗିଛି । ପରିବାର ଦ୍ୱାରା କରାଯାଉଥିବା ଆପୋଷ ବୁଝାମଣା ଓ ନ୍ୟାୟିକ ପ୍ରକ୍ରିୟାରେ ଅତ୍ୟଧିକ ବିଳମ୍ବ ଏହି ମାନବିକ ସମସ୍ୟାକୁ ଆହୁରି ଜଟିଳ କରୁଛି ।ସଷ୍ଟେନେବଲ୍ ସୋସିଆଲ ଡେଭଲପମେଣ୍ଟ ଅର୍ଗାନାଇଜେସନ୍ (ଏସ୍ଏସ୍ଡିଓ) ଦ୍ୱାରା ପ୍ରକାଶିତ ଏକ ଗବେଷଣା ରିପୋର୍ଟ ସରକାରୀ ରେକର୍ଡ ଓ ଅନେକ ଆନ୍ତର୍ଜାତୀୟ ଅଧ୍ୟୟନର ତଥ୍ୟ ଉପରେ ଆଧାରିତ । ଆଇନ ଥିବା ସତ୍ତ୍ୱେ, ଦୁର୍ବଳ ତଦନ୍ତ ଓ ସାମାଜିକ ଚାପ ନ୍ୟାୟ ମିଳିବାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ପାଲଟିଛି । ୨୦୨୪ରେ ପଞ୍ଜାବ ପ୍ରଦେଶରେ ସର୍ବାଧିକ ୨୨୫ଟି ଅନର କିଲିଂ ମାମଲା ରେକର୍ଡ କରାଯାଇଛି । କିନ୍ତୁ କେବଳ ଦୁଇଟିରେ ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଖାଇବର ପଖତୁନଖ୍ୱାରେ ମୋଟ ୧୩୪ଟି ମାମଲା ପଞ୍ଜିକୃତ ହୋଇଛି । ଯେଉଁଥିରୁ କେବଳ ଦୁଇଟିରେ ଦୋଷୀ ସାବ୍ୟସ୍ତ କରାଯାଇଛି । ସିନ୍ଧ ପ୍ରଦେଶରେ ମଧ ଅନେକ ଘଟଣା ରିପୋର୍ଟ ହୋଇଛି, କିନ୍ତୁ କୌଣସିଟିରେ ଦଣ୍ଡ ମିଳିନାହିଁ। ଯାହା ଚିନ୍ତାଜନକ ରହିଛି । ବଲୁଚସ୍ତାନରେ ୩୨ଟି ମାମଲା ରିପୋର୍ଟ ହୋଇଛି । ଯେଉଁଥିରୁ କେବଳ ଗୋଟିଏରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଯାହା ନ୍ୟାୟ ପ୍ରଦାନ ଓ ଜୀବନ ହରାଇବା ବ୍ୟକ୍ତିଙ୍କ ମଧ୍ୟରେ ବଡ଼ ପାର୍ଥକ୍ୟକୁ ଉଲ୍ଲେଖ କରୁଛି । ସାମାଜିକ କର୍ମୀ ଇମ୍ରାନ ଟକ୍କରଙ୍କ ଅନୁଯାୟୀ, ପାକିସ୍ତାନରେ ଅନର କିଲିଂର ଶିକାର ହୋଇଥିବା ପ୍ରାୟ ୯୦ ପ୍ରତିଶତ ହେଉଛନ୍ତି ମହିଳା । ମହିଳାମାନଙ୍କୁ ସମାଜରେ ଏକ ଦୁର୍ବଳ ଏବଂ ନିର୍ଯାତିତ ଗୋଷ୍ଠୀ ଭାବରେ ବିବେଚନା କରାଯାଉଛି । ଯାହା ଫଳରେ ସେମାନଙ୍କ ଉପରେ ହିଂସା ବହୁତ ସହଜ ହୋଇଯାଉଛି । ଅନେକ କ୍ଷେତ୍ରରେ, ପୀଡିତାଙ୍କ ନିଜ ପରିବାର ନ୍ୟାୟ ପାଇବାକୁ ମନା କରିଦେଉଛନ୍ତି । ଯାହା ଫଳରେ ଅପରାଧୀମାନେ ଦଣ୍ଡ ନପାଇ ଗଳାବାଟ ଦେଇ ଆରାମରେ ଖସିଯାଉଛନ୍ତି ।ବରିଷ୍ଠ ଆଇନଜୀବୀ ଶବୀର ହୁସେନ ଗିଗିଆନି କହିଛନ୍ତି ଯେ, ପୁଲିସର ନିମ୍ନମାନର ତଦନ୍ତ ଓ ଖରାପ ମାମଲା ଦାୟର ଆଜି ନ୍ୟାୟ ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛିୟ ପ୍ରାୟତଃ, ପୁଲିସ ପୀଡିତାଙ୍କ ନିକଟ ସମ୍ପର୍କୀୟଙ୍କୁ ମୁଖ୍ୟ ସାକ୍ଷୀ ଭାବରେ ନିଯୁକ୍ତ କରିଥାଏ । ଯେଉଁମାନେ ପରେ ଅଭିଯୁକ୍ତଙ୍କ ସହିତ ଆପୋଷ ବୁଝାମଣା କରିଥାନ୍ତି ଓ କୋର୍ଟରେ ବିରୋଧୀ ହୋଇଯାଆନ୍ତି । କୋର୍ଟରେ ସାକ୍ଷୀମାନେ ସେମାନଙ୍କର ବୟାନ ପରିବର୍ତ୍ତନ କରିବା ଦ୍ୱାରା ଆଇନଗତ ତ୍ରୁଟି ଯୋଗୁ ପ୍ରାୟ ୮୦ରତିଶତ ମାମଲାରେ ଅଭିଯୁକ୍ତମାନେ ସହଜରେ ନିର୍ଦ୍ଦୋଷରେ ଖଲାସ ହୋଇଯାଆନ୍ତି । ଏସ୍ଏସ୍ଡିଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୟଦ କୌସର ଆବାସଙ୍କ ଅନୁଯାୟୀ, ଅତ୍ୟନ୍ତ କମ୍ ଦଣ୍ଡବିଧାନ ହାର ଦର୍ଶାଉଛି ଯେ, ବର୍ତ୍ତମାନର ବ୍ୟବସ୍ଥା ପୀଡିତମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛି। ଏଭଳି ହତ୍ୟା ସାମାଜିକ ପରମ୍ପରାରେ ଗଭୀର ଭାବରେ ସ୍ଥାପିତ ଯାହା ହିଂସା ମାଧମରେ ସ୍ୱରକୁ ନୀରବ କରିଦିଏ । କଠୋର ଆଇନ ପ୍ରବର୍ତ୍ତନର ଅଭାବ ଏହି ହତ୍ୟାଗୁଡ଼ିକୁ ନୈତିକ ସଂସ୍କାର ଭାବରେ ସମାଜରେ ଅନ୍ୟାୟକୁ ନ୍ୟାୟ ଭାବରେ ଯଥାର୍ଥ କରିଛି।

# ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି
# ମାନହାନୀ କେସକୁ ଖାରଜ କଲେ କର୍ଣ୍ଣାଟକ ହାଇକୋର୍ଟ

ନୂଆଦିଲ୍ଲୀ,୧୭।୨(ଏଜେନ୍ସି):ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ମିଳିଛି ଏକ ବଡ଼ ଆଶ୍ୱସ୍ତି । ରାହୁଲଙ୍କ ବିରୋଧରେ ବିଧାନସଭା ନିର୍ବାଚନ ସମୟରେ ମାନହାନୀ ସହ ଜଡ଼ିତ ନିର୍ବାଚନୀ କଣ୍ଟେଣ୍ଟକୁ ନେଇ ଦାୟର ହୋଇଥିବା ଏକ ବ୍ୟକ୍ତିଗତ ଅଭିଯୋଗକୁ କର୍ଣ୍ଣାଟକ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ ସୁନିଲ ଦତ୍ତ ଯାଦବଙ୍କ ଅଧ୍ୟକ୍ଷତାରେ ଏକ ବେଞ୍ଚ ଏହି ଆଦେଶ ଶୁଣାଣି କରି ରାହୁଲଙ୍କୁ ଆଶ୍ୱସ୍ତି ଦେଇଛନ୍ତି । ଏହି ମାମଲାରେ ବିଜେପି ସରକାରଙ୍କୁ ଟାର୍ଗେଟ କରାଯାଇଥିବା ଏକ 'କରପ୍ସନ ରେଟ କାର୍ଡ' ବିଜ୍ଞାପନ ସହ ଜଡ଼ିତ ଥିଲା, ଯାହାକୁ ରାହୁଲ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଥିଲେ । ଏହି ବିଜ୍ଞାପନ ପରେ ବିଜେପି ସମର୍ଥକ କେଶବ ପ୍ରସାଦ ଏକ ବ୍ୟକ୍ତିଗତ ଅଭିଯୋଗ ଦାଖଲ କରିଥିଲେ, ତାହାକୁ ନେଇ ତଳ ଅଦାଲତ ସମନ ଜାରି କରିଥିଲେ । ରାହୁଲ ଉକ୍ତ ସମନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ତା'ପରେ କୋର୍ଟ ଶୁଣାଣି କରି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଥିଲେ । କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟରେ ଏହି ପୂରା ବିବାଦ ଆରମ୍ଭ ହୋଇଥିଲା । ସେହି ସମୟରେ ବିଜେପି ସରକାର ବିରୋଧରେ କଂଗ୍ରେସ ଏକ ଆକ୍ରାମକ ବିଜ୍ଞାପନ ଅଭିଯାନ ଚଳାଇଥିଲେ । ଉକ୍ତ ଅଭିଯାନରେ 'କରପ୍ସନ ରେଟ କାର୍ଡ' ମାଧମରେ ସରକାରଙ୍କ ଉପରେ ଭ୍ରଷ୍ଟାଚାର ଅଭିଯୋଗ ଲାଗିଥିଲା । ରାହୁଲ ଉକ୍ତ କଣ୍ଟେଣ୍ଟକୁ ସୋସିଆଲ ମିଡ଼ିଆରେ ପ୍ରଚାର କରିବା ପରେ ତାହାକୁ ମାନହାନୀର ଆଧାର କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା ।

# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ରାଜିନାମା

ନୂଆଦିଲ୍ଲୀ,୧୭।୨(ଏଜେନ୍ସି):ଭାରତ ଓ ଆମେରିକା ମଧ୍ୟରେ ନିକଟରେ ଅନ୍ତରୀଣ ବାଣିଜ୍ୟ ରାଜିନାମା ଢାଞ୍ଚା ଘୋଷଣା ହୋଇଛି । ଆସନ୍ତାମାସରେ ଏହି ରାଜିନାମା ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି । ଏହା ପୂର୍ବରୁ ଭାରତର ପ୍ରତିନିଧି ମଣ୍ଡଳୀ ଆସନ୍ତା ସପ୍ତାହରେ ୱାସିଂଟନ ଗସ୍ତରେ ଯିବେ । ସେମାନେ ରାଜିନାମା ସଂକ୍ରାନ୍ତ ଆଇନଗତ ଦସ୍ତାବିଜକୁ ଚୂଡ଼ାନ୍ତ ରୂପ ଦେବେ । ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି ।ଭାରତୀୟ ଅଧିକାରୀମାନଙ୍କ ଗସ୍ତ ଫେବ୍ରୁଆରି ୨୩ ତାରିଖରୁ ଆରମ୍ଭ ହେବା ସମ୍ଭାବନା ରହିଛି । ଭାରତର ମୁଖ୍ୟ ମୂଲଚାଲକାରୀ ତଥା ବାଣିଜ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ଦର୍ପଣ ଜେନ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ । ମାର୍ଚ୍ଚରେ ରାଜିନାମା ଚୂଡ଼ାନ୍ତ ହେବା ସହ ଦସ୍ତଖତ ହେବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ଏ ନେଇ କେଣସି ସମୟସୀମା ରଖାଯାଇ ନାହିଁ । ଆଇନଗତ ରାଜିନାମାରେ କେତେକ ଜଟିଳ ବିଷୟ ଆସିପାରେ । ତାହାକୁ ଉଭୟ ପକ୍ଷଙ୍କୁ ସମାଧାନ କରିବାକୁ ପଡ଼ିବ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି । ଅନ୍ତରୀଣ ବାଣିଜ୍ୟ ରାଜିନାମା ଅଧୀନରେ ଉଭୟ ପକ୍ଷ ପରସ୍ପରକୁ ଅନେକଗୁଡ଼ିଏ ସାମଗ୍ରୀ ଉପରେ ଶୁଳ୍କ ରିହାତି ପ୍ରଦାନ କରିବେ । ଉଲ୍ଲେଖଯୋଗ୍ୟ, ଆମେରିକା ଭାରତ ଉପରେ ପାଲଟା ଶୁଳ୍କକୁ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ଘୋଷଣା କରିଛି । ଏଥିସହିତ ରୁଷରୁ ତେଲ କିଣା ବାବଦରେ ଲଗାଇଥିବା ୨୫ ପ୍ରତିଶତ ଶୁଳ୍କକୁ ସଂପୂର୍ଣ୍ଣ ହଟାଇ ଦେଇଛି ।

# ସ୍ନାପଡିଲ୍ ଉପରେ ୫ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ,୧୭।୨(ଏଜେନ୍ସି):ଖେଳଣା ବିକ୍ରି କ୍ଷେତ୍ରରେ ବାଧ୍ୟତାମୂଳକ ଖେଳଣା (ଗୁଣବତ୍ତା ନିୟନ୍ତ୍ରଣ) ନିର୍ଦ୍ଦେଶନାମା ୨୦୨୦ ଏବଂ ଭାରତୀୟ ମାନକ ବ୍ୟୁରୋ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିବାରୁ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ଇ-କମର୍ସ କମ୍ପାନି ସ୍ନାପଡିଲ୍ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛି । ସ୍ନାପଡିଲ୍ ଏହାର ପ୍ଲାଟଫର୍ମରେ ପାତରଅନ୍ତରମୂଳକ ବାଣିଜ୍ୟ ଅଭ୍ୟାସ ସହିତ ବିଆଇଏସ୍ ନିୟମ ପାଳନ କରୁ ନଥିବା ଖେଳନାର ଭ୍ରମିତ ପ୍ରଚାର କରିଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସିସିପିଏର ମୁଖ୍ୟ କମିସନର ନିଧି ଖାରେ ଏବଂ କମିସନର ଅନୁପମ ମିଶ୍ରା ସ୍ନାପଡିଲ୍ (ଏସ୍ ଭେକ୍ଟର ଲିମିଟେଡ) ବିରୋଧରେ ଏ ସଂକ୍ରାନ୍ତ ଚୂଡ଼ାନ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏଥିସହିତ ଭବିଷ୍ୟତରେ ସ୍ନାପଡିଲ୍ ଯେଭଳି ବିଆଇଏସ୍ ମାନଦଣ୍ଡ ପୂରଣ କରୁ ନଥିବା ଖେଳନା ବିକ୍ରି କରିବେ ନାହିଁ ତାହାକୁ ନିଶ୍ଚିତ କରିବା ଲାଗି କୁହାଯାଇଛି । ଗ୍ରାହକମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ବ୍ୟବସ୍ଥା କରିବା ଲାଗି ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଠିକଣା ଏବଂ ଯୋଗାଯୋଗ ନମ୍ବର ପ୍ରଦର୍ଶନ କରିବା ଲାଗି ମଧ କୁହାଯାଇଛି ।

# ୮୦ ହଜାର ତଳକୁ ଖସି ଆସିବ ସୁନା ଦର !

ନୂଆଦିଲ୍ଲୀ,୧୭।୨(ଏଜେନ୍ସି):ବିଶ୍ୱବଜାରରେ ସୁନା ଦରକୁ ନେଇ ପୁଣି ଏକ ବଡ଼ ଖବର ସାମ୍ନାକୁ ଆସିଛି । ଯାହା ଶୁଣିଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବ । ବିଶେଷଜ୍ଞମାନଙ୍କ ମତରେ ସୁନା ଦର ଭରି ବା ଆଉନ୍ସ ୮୦,୦୦୦ ତଳକୁ ଖସିବାର ଆଶା କରାଯାଉଛି । ତେବେ କାହିଁକି ମୂଲ୍ୟ ହ୍ରାସ ପାଇବ ଓ ଗବେଷଣା ରିପୋର୍ଟ କ'ଣ କହୁଛି ? ଆସନ୍ତୁ ତାହା ବିସ୍ତୃତ ଭାବରେ ଜାଣିବା । ବିଶେଷଜ୍ଞମାନେ କହିଛନ୍ତି ଯେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଏବଂ ବିଶ୍ୱବ୍ୟାପୀ ସରକାରଙ୍କ ଦ୍ୱାରା ସୁନା ଗଚ୍ଛିତ ରଖିବା ଭଳି କାରଣଗୁଡ଼ିକ ପାଇଁ ସୁନାର ମୂଲ୍ୟ ଅନିୟମିତ ଭାବରେ ବୃଦ୍ଧି ପାଉଛି। ଫଳସ୍ୱରୂପ, ଗତ ବର୍ଷ ସେପ୍ଟେମ୍ବର ମାସରୁ ସୁନା ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା, ଯାହା ଜାନୁଆରୀ ୨୯ ତାରିଖରେ ପ୍ରତି ଗ୍ରାମ ୧୬,୮୦୦ ଏବଂ ପ୍ରତି ସୋଭରେନ୍ ୧୩୪,୪୦୦ ର ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା । ତଥାପି, ଜାନୁଆରୀ ୩୦ ତାରିଖରେ ସୁନା ମୂଲ୍ୟ ୧୦ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା ଏବଂ ସେବେଠାରୁ ୧୫ ଦିନ ଧରି ଏହା ପରିବର୍ତ୍ତନଶୀଳ ଧାରା ଜାରି ରହିଛି । ଏହି ପରିପ୍ରେକ୍ଷୀରେ, ସୁନା କ୍ରେତାଙ୍କ ପାଇଁ କିଛି ଭଲ ଖବର ଅଛି । ଭଲ ଖବର ହେଉଛି ଯେ ସୁନା ମୂଲ୍ୟ ଆଉନ୍ସ ପ୍ରତି ୮୦,୦୦୦ ତଳକୁ ଖସିଯିବ । ବିଶେଷଜ୍ଞମାନେ କହିଛନ୍ତି ଯେ ରୁଷ, ଯାହା ସୁନା ମୂଲ୍ୟ ଏହି ସ୍ତରକୁ ବୃଦ୍ଧିର ମୁଖ୍ୟ କାରଣ ଥିଲା, ତାହା ମଧ ବର୍ତ୍ତମାନର ମୂଲ୍ୟ ହ୍ରାସର କାରଣ ହେବ । ରିପୋର୍ଟ ଅନୁଯାୟୀ, ଗତ ଛଅ ମାସ ଧରି ସୁନା ମୂଲ୍ୟ ବୃଦ୍ଧିର କାରଣ ପାଲଟିଥିବା ପରିସ୍ଥିତି ଏବେ ପରିବର୍ତ୍ତନ ହୋଇଛି, ଏବଂ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାର ସମ୍ଭାବନା ଅଛି।

# ବାବ୍ରୀ ମସଜିଦ୍ ତିଆରି ହେବାକୁ ନେଇ ବର୍ଷିଲେ ହିମନ୍ତ ବିଶ୍ୱା ଶର୍ମା

ନୂଆଦିଲ୍ଲୀ,୧୭।୨(ଏଜେନ୍ସି):ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱା ଶର୍ମା ତୃଣମୂଳ କଂଗ୍ରେସର ସସପେଣ୍ଡ ବିଧାୟକ ହୁମାୟୁନ କବୀରଙ୍କ, ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ବାବ୍ରୀ ମସଜିଦ୍ ତିଆରି କରିବାର ଘୋଷଣାକୁ ନେଇ ବର୍ଷିଛନ୍ତି । ପ୍ରସ୍ତାବିତ ମସଜିଦ୍ ବିଷୟରେ ପଚରା ଯିବାରୁ , ଶର୍ମା ସୋମବାର ମିର୍ଜାପୁରରେ ରିପୋର୍ଟରଙ୍କୁ କହିଥିଲେ , ଏହା ବାବ୍ରୀ ମସଜିଦର ପୁତଲା (ଡମି), ଅସଲି (ମସଜିଦ) ନୁହେଁ । ଯେବେ ଅସଲି ମସଜିଦ ହିଁ ରହିନାହିଁ , ତ ପୁତଲା କଣ କରିବ ? ଗତ ବୁଧବାର, କବୀର ମୁର୍ଶିଦାବାଦ ଜିଲ୍ଲାର ବେଲଡାଙ୍ଗାରେ ଅଯୋଧ୍ୟାର ବାବ୍ରୀ ମସଜିଦ ପରି ତିଆରି ଖୁବ୍ ଚର୍ଚ୍ଚିତ ମସଜିଦର କନଷ୍ଟ୍ରକ୍ସନ ଆରମ୍ଭ କରିଥିଲେ । କବୀର , ଯାହାଙ୍କୁ ନିକଟରେ ତୃଣମୂଳ କଂଗ୍ରେସରୁ ବାହାର କରାଯିବା ପରେ ଜନତା ଉନ୍ନୟନ ପାର୍ଟି(ଜେୟୁପି) ଗଠନ କରିଛନ୍ତି , ସେ ଘୋଷଣା କରିଛନ୍ତି ଯେ,ବେଲଡାଙ୍ଗାର ରେଜିନଗରରେ ମସଜିଦ ଦୁଇ ବର୍ଷରେ ପ୍ରସ୍ତୁତ ହୋଇଯିବ ଏବଂ ଏଥିରେ ପାଖାପାଖି ୫୦-୫୫ କୋଟି ଟଙ୍କାର ଖର୍ଚ୍ଚ ଆସିବ । ନିର୍ମାଣ କାର୍ଯ୍ୟରେ ସହଯୋଗ ଦେବାକୁ ଅନେକ ସମର୍ଥକ ଆଗେଇ ଆସିଛନ୍ତି । ଜେୟୁପି ପ୍ରମୁଖ କବୀର କହିଛନ୍ତି , ବିରୋଧକାରୀଙ୍କୁ କହିବାକୁ ଚାହୁଁଛି ଯେ, ହଟି ଯାଆନ୍ତୁ । ଲୋକଙ୍କୁ ନିଜ ନିଜର ଧର୍ମର ପାଳନ କରିବା ତଥା ମନ୍ଦିର , ଗିର୍ଜାଘର କିମ୍ବା ଯାହା ଚାହୁଁଛନ୍ତି ତିଆରି କରିବାକୁ ପୂରା ସ୍ୱାଧୀନତା ରହିଛି । ମୁଁ ଇସଲାମର ନାମରେ କାହାର ବିରୋଧ କରିବି ନାହିଁ । ମୋର ଉଦ୍ଦେଶ୍ୟ ଆଲ୍ଲାଙ୍କୁ ପ୍ରସନ୍ନ କରିବା ଏବଂ ନିଜର ଧାର୍ମିକ ବିଶ୍ୱାସକୁ ପାଳନ କରିବା , କାହା ଉପରେ କିଛି ଅଧିକାର ସାବ୍ୟସ୍ତ କରିବା ନହେଁ । ସେ କହିଛନ୍ତି – ଏହି ମସଜିଦର ନିର୍ମାଣକୁ ରୋକିବା ନେଇ ପୃଥିବୀରେ କୌଣସି ଶକ୍ତି ନାହିଁ । ଆଲ୍ଲାଙ୍କ କୃପାରେ ଆମେ ଦୁଇ ବର୍ଷ ଭିତରେ ଏହାର ନିର୍ମାଣ ଶେଷ କରିବୁ । ଏହାକୁ ତିଆରି କରିବାରେ ୫୦-୫୫ କୋଟି ଟଙ୍କାର ଖର୍ଚ୍ଚ ପରିମାଣ ରହିବ । କବୀର ଘୋଷଣା କରିଛନ୍ତି ଯେ, ବୋର୍ଡ ପରୀକ୍ଷା ସବୁ ଚାଲି ଥିବାରୁ ସେ ବର୍ତ୍ତମାନ ନିର୍ଦ୍ଧାରିତ ବାବ୍ରୀ ଯାତ୍ରା – ନାଦିଆର ପଲାସୀରୁ ଉତ୍ତର ଦିନାଜପୁର ଜିଲ୍ଲାର ଉଟାହାର ଯାଏ ୨୩୫ କିଲୋମିଟରର ରାଲିକୁ ସ୍ଥଗିତ ରଖିବେ । ମସଜିଦ ୧୧ ଏକର ଜମିରେ ନିର୍ମିତ ହେଉଛି ଏବଂ ଏଥିରେ ପ୍ରାୟ ୧୨,୦୦୦ ଲୋକ ନମାଜ ପଢି ପାରିବେ । କବୀରଙ୍କର ଘୋଷଣା ପରେ , ଏକ ଦକ୍ଷିଣପନ୍ଥୀ ଗ୍ରୁପ୍ , ବିଶ୍ୱ ହିନ୍ଦୁ ରକ୍ଷା ପରିଷଦ ଉତ୍ତର ପ୍ରଦେଶର ଲୋକଙ୍କ ଠାରୁ ମୁର୍ଶିଦାବାଦ ଯାଏ ମାର୍ଚ୍ଚ କରିବାର ଅପିଲ କରିଥିଲେ । ୬ ଡିସେମ୍ବର ୧୯୯୨ରେ କର ସେବକଙ୍କ ଏକ ବଡ଼ ଗ୍ରୁପ ଅଯୋଧ୍ୟାରେ ବାବ୍ରୀ ମସଜିଦ ଭାଙ୍ଗି ଦେଇଥିଲେ । ସୁପ୍ରିମକୋର୍ଟ ୯ ନଭେମ୍ବର ୨୦୧୯ର ନିଷ୍ପତ୍ତି ଏହି ମାମଲାକୁ ସମାଧାନ କରିଥିଲେ, ଯେଉଁଥିରେ ବିବାଦିତ ସ୍ଥାନରେ ଏକ ଟ୍ରଷ୍ଟ ଦ୍ୱାରା ରାମ ମନ୍ଦିର ତିଆରି କରିବା ନିଷ୍ପତ୍ତି ଶୁଣାଯାଇ ଥିଲା ଏବଂ ମସଜିଦ ପାଇଁ ପାଞ୍ଚ ଏକରର ଦ୍ୱିତୀୟ ସ୍ଥାନ ଦିଆଗଲା । ଏ

# ମୋଦୀଙ୍କ ମାଷ୍ଟରପ୍ଲାନରେ ପୁରା ପାକିସ୍ତାନ ଥରହର

ନୂଆଦିଲ୍ଲୀ,୧୭।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ମୁମ୍ବାଇର ଲୋକଭବନରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଭେଟିଥିଲେ । ବୈଠକ ପରେ, ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା କରିବେ । ୧୧୪ଟି ରାଫେଲ ଏବଂ ହାମର କ୍ଷେପଣାସ୍ତ୍ର କ୍ରୟକୁ ଚୂଡ଼ାନ୍ତ କରାଯିବ । ଅନ୍ୟାନ୍ୟ ଅନେକ ପ୍ରସଙ୍ଗରେ ମଧ ଆଲୋଚନା ହେବ । ସୂତ୍ର ଅନୁଯାୟୀ ପ୍ରତିରକ୍ଷା ବାଣିଜ୍ୟ, ଦକ୍ଷତା, ସ୍ୱାସ୍ଥ୍ୟ ଏବଂ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ଅନେକ ଚୁକ୍ତିନାମା ହେବ । ପ୍ରାୟ ଏକ ଡଜନ ଚୁକ୍ତିନାମା/ଏମଓୟୁ ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ଦୁଇ ନେତା ମିଳିତ ଭାବରେ ଭାରତ-ଫ୍ରାନ୍ସ ନବସୃଜନ ବର୍ଷକୁ ଉଦଘାଟନ କରିବେ । ୨୦୨୬ ବର୍ଷକୁ ଉଭୟ ଦେଶରେ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଭାବରେ ପାଳନ କରାଯିବ । ମାକ୍ରୋନ୍ ଗୁରୁବାର ଦିଲ୍ଲୀରେ ଏଆଇ ସମ୍ମିଟରେ ମଧ ଅଂଶଗ୍ରହଣ କରିବେ । ରାଷ୍ଟ୍ରପତି ମାକ୍ରୋନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣରେ ଫେବୃଆରୀ ୧୭ ରୁ ୧୯ ପର୍ଯ୍ୟନ୍ତ ଭାରତକୁ ସରକାରୀ ଗସ୍ତରେ ଅଛନ୍ତି। ଏହା ତାଙ୍କର ଚତୁର୍ଥ ଭାରତ ଗସ୍ତ ଏବଂ ପ୍ରଥମ ମୁମ୍ବାଇ ଗସ୍ତ । ଦୁଇ ନେତା ମୁମ୍ବାଇର ଲୋକ ଭବନରେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଦୁଇ ନେତା ଭାରତ-ଫ୍ରାନ୍ସ ରଣନୈତିକ ସହଭାଗୀତାରେ ଅଗ୍ରଗତି ସମୀକ୍ଷା କରିବେ । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଙ୍ଗଳବାର ସକାଳେ ମୁମ୍ବାଇରେ ପହଞ୍ଚିଥିଲେ ।



# ରୋହିତ ଶର୍ମାଙ୍କ ସହ 'ରୟାଲ ଷ୍ଟାଗ କୋଡ ଅଫ ଲାର୍ଜ' ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୨ (ନି.ପ୍ର) :** ସିଗ୍ରାମ୍ସ ରୟାଲ ଷ୍ଟାଗ ପ୍ୟାକେଜଡ ଡ୍ରିଙ୍କିଙ୍ଗ ୱାଟର ପକ୍ଷରୁ ଭାରତୀୟ କ୍ରିକେଟ୍ ତାରକା ରୋହିତ ଶର୍ମା ଏବଂ ମେଂଟାଲ କଣ୍ଡିସନିଂ କୋଚ୍ ପ୍ୟାଡି ଅପଟନଙ୍କ ସହ ମିଶି 'ରୟାଲ ଷ୍ଟାଗ କୋଡ ଅଫ୍ ଲାର୍ଜ' (ହାସଟ୍ୟାଗ୍ ଆରଏସକୋଡ୍) ନାମକ ଏକ ଅଭିନବ ଡାଟା-ଚାଳିତ ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଥିରେ ରୋହିତ ଶର୍ମାଙ୍କ ସଫଳ କ୍ୟାରିୟରକୁ ବିଶ୍ଳେଷଣ କରାଯାଇ ତାଙ୍କ ସଫଳତାର ଚାରୋଟି ମୁଖ୍ୟ ଦିଗ ଯଥା ନିଃସ୍ୱାର୍ଥପରତା, ଦୃଢ଼ ଇଚ୍ଛାଶକ୍ତି, ନିର୍ଭୀକତା ଏବଂ ପ୍ରେରଣାଦାୟକ ନେତୃତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ତଥ୍ୟ-ଆଧାରିତ ଅନ୍ତର୍ଦୃଷ୍ଟି, କାହାଣୀ ଏବଂ ବାସ୍ତବ ମୁହୂର୍ତ୍ତର ଏକ ସୁନ୍ଦର ସମନ୍ୱୟ ଅଟେ । ଏଥିରେ ସୂର୍ଯ୍ୟକୁମାର ଯାଦବଙ୍କ ଏକ ସର୍ପ୍ରାଇଜ ଉପସ୍ଥିତି ମଧ୍ୟ ରହିଛି, ଯାହା ଆରଏସ କୋଡର 'ପ୍ରେରଣାଦାୟକ' ଦିଗକୁ ଆହୁରି ସୁଦୃଢ଼ କରୁଛି । ଏହି ଅଭିଯାନଟି ଏକ ଅଭିନବ ଏଆଇ-ଚାଳିତ ହାସଟ୍ୟାଗ୍ଆରଏସକୋଡ୍ ଫାଇଣ୍ଡର୍ ଦ୍ୱାରା ପରିଚାଳିତ, ଯାହା ଦର୍ଶକମାନଙ୍କୁ ନିଜର ବ୍ୟକ୍ତିଗତ 'କୋଡ ଅଫ ଲାର୍ଜ' ଖୋଜିବାର ସୁଯୋଗ ଦେଉଛି । ମାତ୍ର କିଛି ସରଳ ପ୍ରଶ୍ନର ଉତର ଦେଇ ଗ୍ରାହକମାନେ ନିଜର ସ୍ୱତନ୍ତ୍ର କୋଡ ଜାଣିପାରିବେ । ଏହା ରୋହିତ ଶର୍ମାଙ୍କ ଏକ ପର୍ସନାଲାଇଜଡ୍ ଭିଡିଓ ବାର୍ତ୍ତା ମାଧ୍ୟମରେ ପ୍ରକାଶ ପାଇଥାଏ, ଯାହା ଗ୍ରାହକଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ଏବଂ ବ୍ୟକ୍ତିଗତ ବ୍ରାଣ୍ଡ ଅନୁଭୂତି ସୃଷ୍ଟି କରୁଛି ।

ଏହି ଅଭିଯାନ ସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ଚିଫ ମାର୍କେଟିଂ ଅଫିସର ଦେବଶ୍ରୀ ଦାସଗୁପ୍ତା କହିଛନ୍ତି, 'ଆଇସିସି ର ସହଯୋଗୀ ଭାବରେ ରୟାଲ ଷ୍ଟାଗ କ୍ରିକେଟ ପ୍ରଶଂସକମାନଙ୍କ ପାଇଁ ଏକ ପ୍ରକୃତ 'ଲିଭ୍ ଇଟ୍ ଲାର୍ଜ' ଅନୁଭୂତି ଆଣିଦେଇଛି । ରୟାଲ ଷ୍ଟାଗ୍ କୋଡ୍ ଆମର 'ଲିଭ୍ ଇଟ୍ ଲାର୍ଜ' ଦର୍ଶନକୁ ସାର୍ଥକ ରୂପ ଦେଇଛି । ଏକ ଡାଟା-ଚାଳିତ ଉପାୟରେ ରୋହିତ ଶର୍ମାଙ୍କ ସଫଳତାକୁ ବିଶ୍ଳେଷଣ କରି, ଆମେ ଲୋକମାନଙ୍କୁ ନିଜ ସଫଳତାର ମାର୍ଗ ଅନୁସରଣ କରିବା ଏବଂ ଜୀବନକୁ ବଡ଼ ଢଙ୍ଗରେ ବଞ୍ଚିବା ପାଇଁ ସଶକ୍ତ କରୁଛୁ । ଚଳିତ ବର୍ଷ ଆମେ ଏହି ସ୍ୱତନ୍ତ୍ର ଏଆଇ ପ୍ଲାଟଫର୍ମ ମାଧ୍ୟମରେ ପ୍ରତ୍ୟେକ ପ୍ରଶଂସକଙ୍କୁ ନିଜର 'ଲିଭ୍ ଇଟ୍ ଲାର୍ଜ' କାହାଣୀ ଗଢ଼ିବାର ସୁଯୋଗ ଦେଉଛୁ, ଯାହା ବ୍ରାଣ୍ଡର ସଫଳତା ଯାତ୍ରାର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବାର ପ୍ରତିବଦ୍ଧତା ସହ ଜଡ଼ିତ ।




# ଓଡ଼ିଶାରେ କ୍ୟାମ୍ବ୍ରିଜ ଇଂଲିଶ ଲିଙ୍ଗୁଆସ୍କିଲ ସେଂଟରର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୨ (ନି.ପ୍ର) :** କ୍ୟାମ୍ବ୍ରିଜ୍ ୟୁନିଭରସିଟି ପ୍ରେସ ଆଣ୍ଡ ଆସେସମେଂଟ, 'ଗ୍ଲୋବାଲ୍ ବିଦ୍ୟା' ସହିତ ମିଳିତ ଭାବେ ଓଡ଼ିଶାର ପ୍ରଥମ 'କ୍ୟାମ୍ବ୍ରିଜ ଇଂଲିଶ ଅଧିକୃତ ଲିଙ୍ଗୁଆସ୍କିଲ୍ ସେଂଟର'ର ଶୁଭାରମ୍ଭ କରିଛି । ରାଜ୍ୟର ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶା ସରକାର ଉଚ୍ଚଶିକ୍ଷାର ଗୁଣବତା, ଶିଳ୍ପ-ଭିତିକ ଦକ୍ଷତା ଏବଂ ଛାତ୍ରଛାତ୍ରୀଙ୍କ ବିଶ୍ୱସ୍ତରୀୟ ଗତିଶୀଳତା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଏହି ଆନ୍ତର୍ଜାତୀୟ ମାନର ଇଂରାଜୀ ମୂଲ୍ୟାଙ୍କନ ବ୍ୟବସ୍ଥା ଶିକ୍ଷାର୍ଥୀମାନଙ୍କୁ ଜାତୀୟ ତଥା ଆଂର୍ଜାତୀୟ ସ୍ତରରେ ପ୍ରତିଯୋଗିତା କରିବା ପାଇଁ ଆତ୍ମବିଶ୍ୱାସ ପ୍ରଦାନ କରିବ । କେନ୍ଦ୍ରୀୟ ବଜେଟ ୨୦୨୬-୨୭ର ନିଯୁକ୍ତି ଓ ଦକ୍ଷତା ସମନ୍ୱୟ ଲକ୍ଷ୍ୟ ସହ ସମାନତା ରଖି ଏହି କେନ୍ଦ୍ର ଓଡ଼ିଶାର ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାର୍ଥୀମାନଙ୍କୁ ଏକ ବିଶ୍ୱସ୍ତରୀୟ ଇଂରାଜୀ ମୂଲ୍ୟାଙ୍କନ ସୁବିଧା ଯୋଗାଇଦେବ । ଏହି କେନ୍ଦ୍ର ମାଧ୍ୟମରେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକ 'କ୍ୟାମ୍ବ୍ରିଜ ଇଂଲିଶ ଲିଙ୍ଗୁଆସ୍କିଲ୍' ପରୀକ୍ଷା ପରିଚାଳନା କରିପାରିବେ, ଯାହାକି ପଢ଼ିବା, ଶୁଣିବା, ଲେଖିବା ଏବଂ କହିବା ଦକ୍ଷତାକୁ ଅତି ଶୀଘ୍ର ଓ ନିର୍ଭୁଲ ଭାବେ ମାପିଥାଏ । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଇଂରାଜୀ ଦକ୍ଷତାର ଏକ ସ୍ପଷ୍ଟ ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରିଥାଏ, ଯାହା ସେମାନଙ୍କୁ କ୍ୟାମ୍ପସ ପ୍ଲେସମେଂଟ, ଇଂଟର୍ନସିପ୍ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ସହାୟକ ହୋଇଥାଏ । ଅନ୍ୟପକ୍ଷରେ, ଏହା ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାଷାଗତ ମାନଦଣ୍ଡ ନିର୍ଦ୍ଧାରଣ କରିବାରେ ଏବଂ ନିଯୁକ୍ତିଦାତାମାନଙ୍କୁ ପ୍ରାର୍ଥୀଙ୍କ କାର୍ଯ୍ୟକ୍ଷେତ୍ର-ଉପଯୋଗୀ ଯୋଗାଯୋଗ ଦକ୍ଷତାର ପ୍ରମାଣ ଭିତିରେ ଅଧିକ ଆତ୍ମବିଶ୍ୱାସର ସହ ନିଯୁକ୍ତି ନିଷ୍ପତି ନେବାରେ ସମର୍ଥ କରିଥାଏ ।

କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ପୂର୍ବ ଏବଂ ଉତର-ପୂର୍ବ ଭାରତର ବ୍ରିଟିଶ୍ ଡେପୁଟି ହାଇକମିଶନର, ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ କହିଛନ୍ତି, 'ଓଡ଼ିଶାରେ 'କ୍ୟାମ୍ବ୍ରିଜ୍ ଇଂଲିଶ୍ ଲିଙ୍ଗୁଆସ୍କିଲ୍ ସେଂଟର' ଭଳି ପଦକ୍ଷେପ ସ୍ଥାନୀୟ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ମାନଦଣ୍ଡ ସହ ସମନ୍ୱିତ କରି ଯୁବପିଢ଼ିଙ୍କୁ ସହାୟତା କରିବ । ରାଜ୍ୟର ଶିକ୍ଷାର୍ଥୀମାନଙ୍କ ନିଯୁକ୍ତି ଯୋଗ୍ୟତା, ଗତିଶୀଳତା ଏବଂ ଦୀର୍ଘକାଳୀନ ସୁଯୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।' 'ଏହି ଶୁଭାରମ୍ଭର ଏକ ଅଂଶସ୍ୱରୂପ, ନାଇସ୍ ଗ୍ରୁପର ଅନ୍ତର୍ଭୁକ୍ତ 'ଗ୍ଲୋବାଲ୍ ବିଦ୍ୟା'କୁ ଓଡ଼ିଶାରେ କ୍ୟାମ୍ବ୍ରିଜ୍ ଇଂଲିଶ୍ ପାଇଁ ଆନୁଷ୍ଠାନିକ ଭାବେ 'ଅଧିକୃତ ପରୀକ୍ଷା ସହଯୋଗୀ' ଭାବେ ଘୋଷଣା କରାଯାଇଛି ।

ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କେନ୍ଦ୍ରଟି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି, ଯେଉଁଠାରେ ଓଡ଼ିଶାର ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରର ବହୁ ବରିଷ୍ଠ ନେତୃତ୍ୱ ଏକତ୍ରିତ ହୋଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବ ଏବଂ ଉତର-ପୂର୍ବ ଭାରତର ବ୍ରିଟିଶ୍ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ, ଗ୍ଲୋବାଲ୍ ବିଦ୍ୟାର ପ୍ରତିଷ୍ଠାତା ତଥା ନାଇସ୍ ଗ୍ରୁପ୍‌ର ନିର୍ଦ୍ଦେଶକ, ଅନୁଭବ ଅଗ୍ରୱାଲଙ୍କ ସମେତ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜର କୁଳପତି, ଡିନ୍, ବିଭାଗୀୟ ମୁଖ୍ୟ ଏବଂ ପ୍ଲେସମେଂଟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଏହି ସହଭାଗିତା ସମ୍ପର୍କରେ କ୍ୟାମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍ ଆଣ୍ଡ ଆସେସମେଂଟ, ଦକ୍ଷିଣ ଏସିଆର ଆଂଚଳିକ ନିର୍ଦ୍ଦେଶକ (ଇଂରାଜୀ) ଅରୁଣାଚଳମ୍ ଟି.କେ. କହିଛନ୍ତି, 'ଲିଙ୍ଗୁଆସ୍କିଲ୍ ଶିକ୍ଷାନୁଷ୍ଠାନଗୁଡ଼ିକୁ ବାସ୍ତବିକ ଶିକ୍ଷାଗତ ଏବଂ ବୃତିଗତ ପରିପ୍ରେକ୍ଷୀରେ ବ୍ୟବହାରିକ ତଥା ନିର୍ଭରଯୋଗ୍ୟଭାବେ ଇଂରାଜୀ ଦକ୍ଷତା ମାପିବାରେ ସାହାଯ୍ୟ କରିବ । ଏଥିସହ, ଏହା ଛାତ୍ରଛାତ୍ରୀଙ୍କୁ ଭାରତ ଏବଂ ବିଦେଶରେ ଉଚ୍ଚଶିକ୍ଷା ତଥା ନିଯୁକ୍ତି ପାଇଁ ଆବଶ୍ୟକ ଯୋଗାଯୋଗ ଦକ୍ଷତା ପ୍ରମାଣିତ କରିବା ନିମନ୍ତେ ଏକ ସ୍ୱୀକୃତିପ୍ରାପ୍ତ ମାଧ୍ୟମ ପ୍ରଦାନ କରିବ ।




# ଭାରତରେ ଏହାର ପରବର୍ତ୍ତୀ AI ଫୋନ୍ ପାଇଁ ସାମସଙ୍ଗ ପ୍ରି-ରିଜର୍ଭ ଖୋଲିଛି

SAMSUNG

**ଗୁରୁଗ୍ରାମ, ୧୭।୨ (ନି.ପ୍ର):** ଭାରତର ସର୍ବବୃହତ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମସଙ୍ଗ ଆଜି ଘୋଷଣା କରିଛି ଯେ ଭାରତର ଗ୍ରାହକମାନେ ସାମସଙ୍ଗର ପରବର୍ତ୍ତୀ ଇଓ ଫୋନକୁ ପୂର୍ବ-ସଂରକ୍ଷଣ କରିପାରିବେ, ଯାହା ଫେବୃଆରୀ ୨୫ ରେ କାଲିଫର୍ଣ୍ଣିଆର ସାନ ଫ୍ରାନ୍ସିସ୍କୋରେ ଉନ୍ମୋଚିତ ହେବ ।

ଗ୍ରାହକମାନେ ଆଜିଠାରୁ ଓଘଜ ୯୯୯ ର ଫେରସ୍ତଯୋଗ୍ୟ ଟୋକେନ୍ ପରିମାଣ ଦେଇ ନୂତନ ଗାଲାକ୍ସି ଏସ୍ ସିରିଜ୍ ଡିଭାଇସ୍ଗୁଡ଼ିକୁ ପ୍ରି-ରିଜର୍ଭ କରିପାରିବେ ପ୍ରି-ରିଜର୍ଭ ସାମସଙ୍ଗ ଡଟ୍ କମ୍, ସାମସଙ୍ଗ ଏକ୍ସକ୍ଲୁସିଭ୍ ଷ୍ଟୋର୍, ଆମାଜନ.ଇନ୍, ଫ୍ଲିପକାର୍ଟ ଡଟ୍ କମ୍ ଏବଂ ଭାରତର ଅଗ୍ରଣୀ ଖୁଚୁରା ଆଉଟଲେଟ୍ ମାଧ୍ୟମରେ କରାଯାଇପାରିବ । ପୂର୍ବ-ସଂରକ୍ଷିତ ଗ୍ରାହକମାନେ ନୂତନ ଗାଲାକ୍ସି ଏସ୍ ସିରିଜ୍ ଡିଭାଇସ୍ କିଣିବାବେଳେ INR ୨୬୯୯ ମୂଲ୍ୟର ଲାଭ ପାଇବେ ।

ନୂତନ ଗାଲାକ୍ସି ଏସ୍ ସିରିଜ୍ ଦ ୟବଚ ନନ୍ଦିନ ପାରସ୍ପରିକ କାର୍ଯ୍ୟକୁ ସରଳ କରିବା, ଆତ୍ମବିଶ୍ୱାସକୁ ପ୍ରେରଣା ଦେବା ଏବଂ ଗାଲାକ୍ସି ଏଇକୁ ହାତରେ ଥିବା ମୁହୂର୍ତ୍ତରୁ ନିରବଚ୍ଛିନ୍ନ ଭାବରେ ଅନୁଭବ କରିବା ପାଇଁ ନିର୍ମିତ ।

# ଆମାଜନ ପ୍ରାଇମ ପକ୍ଷରୁ ଗ୍ରାହକଙ୍କୁ ଅଧିକ ସଂଚୟ ସୁବିଧା ସହ ଦ୍ରୁତତମ ଡେଲିଭରି ପ୍ରଦାନ

**ଭୁବନେଶ୍ୱର, ୧୭।୨ (ନି.ପ୍ର) :** ଆମାଜନ ପକ୍ଷରୁ ୨୦୨୫ରେ ପ୍ରାଇମ ସଦସ୍ୟଙ୍କ ପାଇଁ ଏହାର ଦ୍ରୁତତମ ଡେଲିଭରି ସ୍ପିଡକୁ ଚିହ୍ନଟ କରିଥିବାବେଳେ ସମାନ କିମ୍ବା ପରବର୍ତୀ ଦିନରେ ୫୫ କୋଟିରୁ ଅଧିକ ଉତ୍ପାଦ ଡେଲିଭର କରାଯାଇଛି ଯାହାକି ବାର୍ଷିକ ଆଧାରରେ ୪୦% ବୃଦ୍ଧି ପାଇଛି । ଭାରତରେ ପ୍ରାଇମ ସଦସ୍ୟମାନେ ୨୦୨୫ରେ ଏକ ବାର୍ଷିକ ପ୍ରାଇମ ମେମ୍ବରସିପର ହାରାହାରି ମୂଲ୍ୟର ଦୁଇ ଗୁଣରୁ ଅଧିକ ସଂଚୟ କରିଛନ୍ତି । ଶୀର୍ଷ ୧୦% ପ୍ରାଇମ ସଦସ୍ୟ ସେମାନଙ୍କର ପ୍ରାଇମ ମେମ୍ବରସିପର ମୂଲ୍ୟର ୮ ଗୁଣରୁ ଅଧିକ ସଂଚୟ କରିଥିବା ବେଳେ ଭାରତରେ ପ୍ରାଇମ ଗ୍ରାହକଙ୍କୁ ଆମାଜନ ଡଟ୍ ଇନରେ ସପିଂ ସମୟରେ ଏକାଧିକ ରିୱାର୍ଡ, ଏକ୍ସକ୍ଲୁସିଭ ଡିଲ, ଅଫର ଓ କ୍ୟାଶବ୍ୟାକ ସହିତ ମାଗଣା ଓ ଫାଷ୍ଟ ଡେଲିଭରି ମାଧ୍ୟମରେ ଅଧିକ ସଂଚୟ କରିବାରେ ସାହାଯ୍ୟ କରିଛି ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ନିର୍ଦ୍ଦେଶକ ଓ ପ୍ରାଇମ ମୁଖ୍ୟ, ଅଭିନବ ଅଗ୍ରୱାଲ କହିଛନ୍ତି, ' ଏହା ଏକ ଶେଷ ମିନିଟ ଜରୁରୀ ସାମଗ୍ରୀ ହେଉ କିମ୍ବା ଏକ ଯୋଜନାଗତ କ୍ରୟ କିମ୍ବା ସମଗ୍ର ପରିବାର ଉପଭୋଗ କରିପାରୁଥିବା ମନୋରନ, ପ୍ରାଇମକୁ ବେଗ, ଅତୁଳନୀୟ ମୂଲ୍ୟ ଓ ସୁବିଧା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଆମେ ଆମ ଗ୍ରାହକଙ୍କ ପାଇଁ ଉଦ୍ଭାବନ ଜାରି ରଖିବା ଏବଂ ଦେଶବ୍ୟାପୀ ଦ୍ରୁତ ଡେଲିଭରି, ସର୍ବୋତମ ଡିଲ ପାଇଁ ପହଂଚ, ବିସ୍ତୃତ କଲେକ୍ସନ, ଅଧିକ କଂଟେଂଟ ଓ ମନୋରନ ବିକଳ୍ପ ଏବଂ ସ୍ୱତନ୍ତ୍ର ଲାଭଗୁଡିକ ମାଧ୍ୟମରେ ଆମର ସଦସ୍ୟଙ୍କସ୍ଲାଭ ପ୍ରଦାନ କରିବା ପାଇଁ ଉତ୍ସାହିତ ଅଛୁ । ଏହାବ୍ୟତୀତ ପ୍ରାଇମ ମେମ୍ବରସିପ ଗ୍ରାହକଙ୍କ ପାଇଁ ର୍ୟର୍ଲି ଆକ୍ସେସ, ନୂଆ ପ୍ରଡକ୍ଟ ଲଂଚ, ପ୍ରାଇମ ଭିଡିଓରେ ବିଭିନ୍ନ ଶୋ' ଓ ମୁଭି, ଅନ୍‌ଲିମିଟେଡ ମ୍ୟୁଜିକ ଷ୍ଟ୍ରିମିଂ, ଉତ୍ସାହଜନକ ଗେମିଂ ସୁବିଧା ଓ ସ୍ୱତନ୍ତ୍ର ରିଡିଂ କଂଟେଂଟ ଆଦିକୁ ଉନ୍ମୋଚନ କରିଛି । ଆମାଜନ ଭାରତର ଅଣ ମେଟ୍ରୋ ସହରଗୁଡ଼ିକରୁ ୭୦%ରୁ ଅଧିକ ନୂଆ ପ୍ରାଇମ ମେମ୍ବର ସାଇନଅପ୍ ପରିଲକ୍ଷିତ କରିବା ଜାରି ରଖିଛି । ଆମାଜନ କିଛି ମିନିଟ ମଧ୍ୟରେ ଡେଲିଭରି ସୁବିଧା ସହ ବେଙ୍ଗାଲୁରୁ, ଦିଲ୍ଲୀ-ଏନସିଆର ଓ ମୁମ୍ବାଇର ବିଭିନ୍ନ ଅଂଶରେ ଏହାର ଅଲଟ୍ରା-ଫାଷ୍ଟ ଡେଲିଭରି ସେବା ଆମାଜନ ନାଓ ମଧ୍ୟ ପ୍ରଦାନ କରୁଛି । ଭାରତରେ ସୁରକ୍ଷିତ, ଦ୍ରୁତ ଓ ସବୁଠାରୁ ନିର୍ଭରଯୋଗ୍ୟ ପରିଚାଳନା ନେଟ୍‌ୱର୍କର ନିର୍ମାଣ ଓ ପରିଚାଳନା ପାଇଁ ଏହାର ପ୍ରତିବଦ୍ଧତାର ଅଂଶ ଭାବେ ଆମାଜନ ଇଣ୍ଡିଆ ୨୦୨୫ରେ ଭାରତରେ ୨୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ଏହି ନିବେଶ ରାଶିକୁ ଏହାର ପରିଚାଳନା ଭିତିଭୂମିକୁ ବିସ୍ତାର ଓ ଅପଗ୍ରେଡ କରିବା, ଆସୋସିଏଟଙ୍କ ସୁରକ୍ଷା ଓ କଲ୍ୟାଣ ବୃଦ୍ଧି କରିବା ଏବଂ ଏହାର ପରିଚାଳନା ନେଟ୍‌ୱର୍କ ପାଇଁ ନୂତନ ଟୁଲ ଓ ଟେକ୍ନୋଲୋଜି ବିକଶିତ କରିବା ପାଇଁ ବ୍ୟବହାର କରାଯାଉଛି ।

# ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ 'ଆରୋଗ୍ୟ ଫିକ୍ସଡ ଡିପୋଜିଟ' ସ୍କିମର ଶୁଭାରମ୍ଭ

**ଭୁବନେଶ୍ୱର, ୧୭।୨ (ନି.ପ୍ର) :** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍ଥାୟୀ ଜମା ସୁବିଧା 'ଆରୋଗ୍ୟ ଫିକ୍ସଡ ଡିପୋଜିଟ' ସ୍କିମର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହା ଟପ୍-ଅପ ହେଲ୍‌ଥ ଇନ୍ସୁରାନ୍ସ କଭରେଜ ସହିତ ନିଶ୍ଚିତ ରିଟର୍ଣ୍ଣକୁ ଏକାଠି କରିଛି । ଏହା ଗ୍ରାହକଙ୍କ କଲ୍ୟାଣ ଓ ଆର୍ଥିକ ସୁରକ୍ଷା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ଆରୋଗ୍ୟ ଫିକ୍ସଡ ଡିପୋଜିଟ ସ୍କିମ ଅଧିନରେ ଗ୍ରାହକମାନେ ୩୭୦ ଦିନର ଏକ ଅବଧି ପାଇଁ ୭.୫୦ ଲକ୍ଷ ଟଙ୍କାର ଏକ ସ୍ଥାୟୀ ରାଶି ନିବେଶ କରିପାରିବେ ଏବଂ ସ୍ଥାୟୀ ଜମା ସୁଧ ସହିତ ୧୫ ଲକ୍ଷ ଟଙ୍କା ପର୍ଯ୍ୟ' ସ୍ୱାସ୍ଥ୍ୟ ବୀମା କଭରେଜ ପାଇପାରିବେ । ଏହି ସ୍ୱାସ୍ଥ୍ୟ ବୀମା କଭରକୁ କେୟାର ହେଲ୍‌ଥ ଇନ୍ସୁରାନ୍ସ ମାଧ୍ୟମରେ ପ୍ରଦାନ କରାଯିବ, ଯାହାକି ଏଥିପାଇଁ ବ୍ୟାଙ୍କର ସ୍ୱୀକୃତିପ୍ରାପ୍ତ ଇନ୍ସୁରାନ୍ସ ପାର୍ଟନର ଅଟେ । ଏହି ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ୧୮ ବର୍ଷ ଓ ୫୮ ବର୍ଷ ୧୧ ମାସ ବୟସ ମଧ୍ୟରେ ଥିବା ଭାରତୀୟ ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଛି । ଏହି ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ଆଇଡିବିଆଇ ବ୍ୟାଙ୍କର ଉପ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁମିତ ଫକ୍କା କହିଛନ୍ତି, 'ଆରୋଗ୍ୟ ଫିକ୍ସଡ ଡିପୋଜିଟ ସ୍କିମ ଉଦ୍ଭାବନ ଉପରେ ଆଇଡିବିଆଇ ବ୍ୟାଙ୍କର ନିରନ୍ତର ଗୁରୁତ୍ୱକୁ ପ୍ରତିଫଳନ କରୁଛି ଯାହା ଗ୍ରାହକଙ୍କୁ ଅଗ୍ରାଧିକାର ଦିଏ । ନିଶ୍ଚିତ ରିଟର୍ଣ୍ଣକୁ ସାର୍ଥକ ସ୍ୱାସ୍ଥ୍ୟ ବୀମା କଭର ସହ ଏକାଠି କରି ଆମେ ଏକ ସାମଗ୍ରିକ ସମାଧାନ ପ୍ରଦାନ କରୁଛୁ ଯାହା ଉଭୟ ଆର୍ଥିକ ସ୍ଥିରତା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଉଛି ।

IDBI BANK

# ଆଇଆଇଏଫଏଲ ଫାଇନାନ୍ସ ବଣ୍ଡ ମାଧ୍ୟମରେ ୨,୦୦୦ କୋଟି ଟଙ୍କା ସଂଗ୍ରହ କରିବ ବାର୍ଷିକ ୯% ପର୍ଯ୍ୟନ୍ତ ଲାଭ ଅଫର୍ କରେ

**ଭୁବନେଶ୍ୱର, ୧୭।୨ (ନି.ପ୍ର) :** ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡ୍, ଭାରତର ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ମଧ୍ୟରୁ ଗୋଟିଏ, ମଙ୍ଗଳବାର, ଫେବୃଆରୀ ୧୭, ୨୦୨୬ରେ ଖୋଲାଯାଇଥିବା ସୁରକ୍ଷିତ ରିଡିମେବଲ୍ ନନ୍-କନଭର୍ଟିବଲ୍ ଡିବେଂଚର (ଏନସିଡି)ର ଏକ ପବ୍ଲିକ୍ ଇସ୍ୟୁ ଆରମ୍ଭ କରିବାକୁ ଘୋଷଣା କରିଛି, ଯେଉଁଥିରେ ୫୦୦ କୋଟି ଟଙ୍କାର ଇସ୍ୟୁ ଆକାର ଏବଂ ୧,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଓଭରସବସ୍କ୍ରିପସନ୍ ବଜାୟ ରଖିବା ପାଇଁ ଏକ ଗ୍ରୀନ୍-ଜୋତା ବିକଳ୍ପ ରହିଛି, ଯାହା ସମୁଦାୟ ୨,୦୦୦ କୋଟି ଟଙ୍କା ହେବ । ସଂଗୃହିତ ପାଣ୍ଠି ବ୍ୟବସାୟ ଅଭିବୃଦ୍ଧି ଏବଂ ପୁଁ ବୃଦ୍ଧି ପାଇଁ ବ୍ୟବହୃତ ହେବ । ଏନସିଡି ବାର୍ଷିକ ୯% ପର୍ଯ୍ୟନ୍ତ ପ୍ରଭାବଶାଳୀ ଲାଭ ପ୍ରଦାନ କରିଥାଏ, ଯେଉଁଥିରେ ପୁଁ ବିନିଯୋଗ ଅବଧି ୨୪ ମାସ, ୩୬ ମାସ ଏବଂ ୬୦ ମାସ ଅଟେ । ନିବେଶକମାନେ ମାସିକ, ବାର୍ଷିକ ଏବଂ ସମୁଦାୟ (ପରିପକ୍ୱତାରେ) ସମେତ ଏକାଧିକ ସୁଧ ଦେୟ ବିକଳ୍ପରୁ ବାଛିପାରିବେ । ଏହି ପ୍ରସଙ୍ଗରେ ମନ୍ତବ୍ୟ ଦେଇ ଆଇଆଇଏଫ୍‌ଏଲ୍ ଫାଇନାନ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନିର୍ମଳ ଜୈନ କହିଛନ୍ତି, 'ଆଇଆଇଏଫ୍‌ଏଲ୍ ଫାଇନାନ୍ସ ହେଉଛି ଭାରତର ଅଗ୍ରଣୀ ଏନ୍‌ବିଏଫ୍‌ସି ମଧ୍ୟରୁ ଅନ୍ୟତମ, ଯାହାର ଏକ ଶକ୍ତିଶାଳୀ ଦେଶବ୍ୟାପୀ ଉପସ୍ଥିତି ଏବଂ ଏକ ବିବିଧ ଖୁଚୁରା ପୋର୍ଟଫୋଲିଓ ସହିତ ୪.୬ ନିୟୁତ ଗ୍ରାହକଙ୍କ ଋଣ ଆବଶ୍ୟକତାକୁ ପୂରଣ କରୁଛି । ପ୍ରସ୍ତାବିତ ପାଣ୍ଠି ସଂଗ୍ରହ ଆମକୁ ଆମର ପାଣ୍ଠି ଉତ୍ସକୁ ବିବିଧ କରିବା ସହିତ ଋଣ ପ୍ରବେଶକୁ ଆହୁରି ବିସ୍ତାର କରିବାରେ ସକ୍ଷମ କରିବ । ବର୍ଷ ବର୍ଷ ଧରି, ଆଇଆଇଏଫ୍‌ଏଲ୍ ଫାଇନାନ୍ସ ବଣ୍ଡ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିବା ଏବଂ ମୂଳଧନ ଏବଂ ସୁଧ ଠିକ୍ ସମୟରେ ପରିଶୋଧ ସୁନିଶ୍ଚିତ କରିବାରେ ଏକ ଦୃଢ଼ ଟ୍ରାକ୍ ରେକର୍ଡ ସୃଷ୍ଟି କରିଛି ।




# ଗୋବୋଲ୍ଟ ପକ୍ଷରୁ ମଷ୍ଟାଙ୍ଗ ସହ ମିଳିତ ଭାବରେ ୩୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ

**ଭୁବନେଶ୍ୱର, ୧୭।୨ (ନି.ପ୍ର):** ଭାରତର ଅନ୍ୟତମ ଦ୍ରୁତ-ଅଭିବୃଦ୍ଧିଶୀଳ ୱେୟାରେବୁଲ୍ସ ଓ ଅଡିଓ ବ୍ରାଣ୍ଡ, ଗୋବୋଲ୍ଟ ପକ୍ଷରୁ ପ୍ରିମିୟମାଇଜେସନ, ଲାଭଦାୟକତା ଓ ଦୀର୍ଘକାଳିନ ବ୍ରାଣ୍ଡ ଶକ୍ତି ଉପରେ ଏକ ବହୁବର୍ଷୀୟ ଅଭିବୃଦ୍ଧି ରଣନୀତିର ଘୋଷଣା କରାଯାଇଛି । ପ୍ରାୟ ୮୦୦ କୋଟି ଟଙ୍କାର ରାଜସ୍ୱ ସହିତ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ କରିବା ପରେ କମ୍ପାନୀ ଏବେ ୨୦୨୬-୨୭ / ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ୩୦୦୦ କୋଟି ଟଙ୍କାର ରାଜସ୍ୱ ଆଡକୁ ଅଗ୍ରସର ହେଉଛି । ଏହି ରଣନୀତି ରିହାତି-ଚାଳିତ ସମ୍ପ୍ରସାରଣ ଏକ ଅଧିକ କେନ୍ଦ୍ରିତ ଓ ନିରନ୍ତର ବୃଦ୍ଧି ପାଉଥିବା ପ୍ରିମିୟମ ଉତ୍ପାଦ ପୋର୍ଟଫୋଲିଓ ଆଡକୁ ଏକ ପରିବର୍ତନକୁ ଚିହ୍ନଟ କରୁଛି । ଏସମ୍ପର୍କରେ ଗୋବୋଲ୍ଟର ସହ-ପ୍ରତିଷ୍ଠାତା ବରୁଣ ଗୁପ୍ତା କହିଛନ୍ତି, 'ଆମେ ୨୦୨୪-୨୫ ଆର୍ଥିକ ବର୍ଷକୁ ୮୦୦ କୋଟି ଟଙ୍କାର ରାଜସ୍ୱ ସହ ଶେଷ କରିବା ପରେ ୨୦୨୬-୨୭ / ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ୩୦୦୦ କୋଟି ଟଙ୍କାର ଏକ ୱେୟାରେବୁଲ୍ସ ଓ ଅଡିଓ ବ୍ୟବସାୟ ପାଇଁ କାର୍ଯ୍ୟ କରୁଛୁ । ଉପଭୋକ୍ତାଙ୍କ ଦୈନନ୍ଦିନ ଜୀବନରେ ମଷ୍ଟାଙ୍ଗ ସହ ଜଡ଼ିତ ଆତ୍ମବିଶ୍ୱାସ ଓ ଚରିତ୍ର ଆଣିବା ପାଇଁ ଲକ୍ଷ୍ୟ ରଖି ଏହି ଅନୁଭୂତି ଓ ଇକୋସିଷ୍ଟମକୁ ଏକ ମଷ୍ଟାଙ୍ଗର ଡିଏନଏକୁ ପ୍ରତିଫଳନ କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି ।' ଗୋବୋଲ୍ଟର ସହପ୍ରତିଷ୍ଠାତା ତରୁଣ ଗୁପ୍ତା କହିଛନ୍ତି, ' ପ୍ରିମିୟମ ଓ ମିଡ-ପ୍ରିମିୟମ ଉତ୍ପାଦଗୁଡିକ ଆମ ପୋର୍ଟଫୋଲିଓର ଏକ ବୃହତ ଅଂଶରେ ପରିଣତ ହେବା ସହିତ ମଷ୍ଟାଙ୍ଗ କଲେକ୍ସନ ଆମେ ଆମ ନିଜ ପାଇଁ ଓ ଶିଳ୍ପ ପାଇଁ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ପ୍ରତିଫଳନ କରୁଛି ।' ଫୋର୍ଡ ଗ୍ଲୋବାଲ ବ୍ରାଣ୍ଡ ଲାଇସେନ୍ସିଂଗ ମ୍ୟାନେଜର ଟାଇଲର ହିଲ କହିଛନ୍ତି, 'ଆମେରୀକୟ ପ୍ରଦର୍ଶନରେ କେନ୍ଦ୍ରିତ ଓ ସାରା ବିଶ୍ୱରେ ପାଳିତ ମଷ୍ଟାଙ୍ଗ ପୃଥିବୀର ସବୁଠାରୁ ଆଇକୋନିକ ଅଟୋମୋଟିଭ ବ୍ରାଣ୍ଡ ମଧ୍ୟରୁ ଗୋଟିଏ ଭାବେ ବଜାୟ ରହିଛି । ଏହି ନୂତନ ଶୃଙ୍ଖଳା ମଷ୍ଟାଙ୍ଗର ଆଇକୋନିକ ଡିଜାଇନରୁ ପ୍ରେରଣା ହାସଲ କରିଛି, ଯାହା ପ୍ରଶଂସକଙ୍କୁ ମଷ୍ଟାଙ୍ଗର ସହଭାଗୀ ଉତ୍ସାହ ପାଇଁ ନୂତନ ମାର୍ଗ ପ୍ରଦାନ କରିଛି । ମଷ୍ଟାଙ୍ଗ ସହ ଏକ ଦୀର୍ଘକାଳିନ ସହଭାଗିତା କମ୍ପାନୀର ସଫଳତାର ଏକ ପ୍ରମୁଖ ପରିଚାଳକ ଭାବେ ରହିଆସିଛି, ଯାହା କମ୍ପାନୀର ପ୍ରିମିୟମାଇଜେଶନ ରଣନୀତିରେ ଏକ ମୂଳ ସ୍ତମ୍ଭରେ ବିକଶିତ ହୋଇଛି । ବର୍ତମାନ ଏହାର ୩ୟ ବର୍ଷରେ ପ୍ରବେଶ କରି ଏହି ସହଭାଗିତା ଅଡିଓ ବାହାରେ ୱେୟାରେବୁଲ୍ସ ଓ ଅଡିଓର ଏକ ବିସ୍ତୃତ ଇକୋସିଷ୍ଟମରେ ସମ୍ପ୍ରସାରିତ ହୋଇଛି । ଗୋବୋଲ୍ଟ ହେଉଛି ଏକ ଅଡିଓ ଓ ୱେୟାରେବୁଲ ଇକୋସିଷ୍ଟମରେ ମଷ୍ଟାଙ୍ଗ ଭଳି ଏକ ଆନ୍ତର୍ଜାତୀୟ ଅଟୋମୋଟିଭ ପରଫର୍ମାନ୍ସ ଆଇକନକୁ ଅନ୍ତର୍ଭୁକ୍ତ କରିଥିବା ଏକମାତ୍ର ଭାରତୀୟ କମ୍ପାନୀ । ଏହି ସହଭାଗିତା ଏକ ଲୋଗୋ-ଆଧାରିତ ସହଯୋଗିତା ଭାବେ କାର୍ଯ୍ୟ କରିବା ପରିବର୍ତେ ଡିଜାଇନ ନିଷ୍ପତି, ମ୍ୟାଟେରିଆଲ ପସନ୍ଦ କରିବା ଓ ଉତ୍ପାଦ ଅନୁଭୂତିକୁ ଅନୁପ୍ରାଣିତ କରିଛି । ଏହି ସିରିଜର ସମ୍ପ୍ରସାରଣର ଅଂଶ ଭାବେ ଗୋବୋଲ୍ଟ ଆଜି ୩ଟି ସ୍ମାର୍ଟୱାଚ ଷ୍ଟାଲିଅନ, ରେସର ଓ ମସଲ୍ ସହିତ ଗୋଟିଏ ମଷ୍ଟାଙ୍ଗ ସ୍ପ୍ରିଂଟ ଟିଡବ୍ଲ୍ୟୁଏସ ସମେଲ ଥିବା ଏକ ନୂଆ ମଷ୍ଟାଙ୍ଗ-ନେତୃତ୍ୱାଧୀନ ରେର ଲଂଚ ଘୋଷଣା କରିଛି । ମଷ୍ଟାଙ୍ଗ ସିରିଜ ଗୋବୋଲ୍ଟର ପ୍ରିମିୟମ ଉତ୍ପାଦଗୁଡିକର ଏକ ସମ୍ପ୍ରସାରଣକୁ ଚିହ୍ନିତ କରୁଛି ଏବଂ କମ୍ପାନୀ କିଭଳି ଏହାର ପ୍ରଡକ୍ଟ ରୋଡମ୍ୟାପକୁ ରୂପ ଦେଉଛି ତାହାର ଏକ ସ୍ପଷ୍ଟ ସଙ୍କେତ ପ୍ରଦର୍ଶିତ କରୁଛି । ଏହି ପୋର୍ଟଫୋଲିଓ ସ୍ଥିର ଟ୍ରାକ୍ସନ ହାସଲ କରିଥିବା ବେଳେ ମଷ୍ଟାଙ୍ଗ-ନେତୃତ୍ୱାଧୀନ ଉତ୍ପାଦଗୁଡିକ ପରବର୍ତୀ ପର୍ଯ୍ୟାୟରେ ୨ରୁ ୧୨ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।



# ନେକ୍ସସ ଏସପ୍ଲାନେଡ୍ ମଲ ଭୁବନେଶ୍ୱର ଠାରେ ଭାଲେନ୍‌ଟାଇନ୍ସ ଡ଼େ ପାଳିତ

**ଭୁବନେଶ୍ୱର, ୧୭।୨ (ନି.ପ୍ର) :** ଭୁବନେଶ୍ୱରର ନେକ୍ସସ ଏସପ୍ଲାନେଡ୍ ମଲ ଏକ ସ୍ୱତନ୍ତ୍ର ଭାଲେନ୍‌ଟାଇନ୍ସ ଡ଼େ ଅନୁଭୂତି ସହିତ ପ୍ରେମ, ହସ ଏବଂ ଉତ୍ସବର ଏକ ଜୀବନ୍ତ କେନ୍ଦ୍ରରେ ପରିଣୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦମ୍ପତି, ବନ୍ଧୁ, ଏକକ ଯୋଡ଼ି ଏବଂ ପରିବାରବର୍ଗ ଏକତ୍ରିତ ହୋଇ ଏକ ଅବିସ୍ମରଣୀୟ ଦିନ ଅତିବାହିତ କରିଥିଲେ । ସହରର ସବୁଠାରୁ ପସନ୍ଦଯୋଗ୍ୟ ଉତ୍ସବ ଏବଂ ଅନୁଭୂତିପୂର୍ଣ୍ଣ କାର୍ଯ୍ୟକ୍ରମର କେନ୍ଦ୍ର ଭାବରେ ମଲର ସୁନାମକୁ ଆହୁରି ଦୃଢ଼ କରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା । ଏଥିରେ ଏକ ଦୃଢ଼ ପରସ୍ପର ଭାବର ଆଦାନ ପ୍ରଦାନ ସହିତ ଜୀବନ୍ତ ଆମୋଦପ୍ରମୋଦ ତଥା ସୃଜନଶୀଳ କର୍ମଶାଳା ଗୁଡ଼ିକର ଏକ ସୁନ୍ଦର ସମନ୍ୱୟ ଏଠାରେ ଦେଖିବାକୁ ମିଳିଥିଲା ଯାହା ଗ୍ରାହକମାନଙ୍କୁ ଆକର୍ଷିତ କରିବା ସହିତ ସୋସିଆଲ ମିଡ଼ିଆରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା ।

ଦର୍ଶକମାନେ ଏଠାରେ ଦୃଶ୍ୟମାନ ଲଭ କେଜ ଫଟୋ-ଅପ, ପ୍ରତି ଆକର୍ଷିତ ହେବା ସହିତ ଏଥିରେ ରହିଥିବା ଆଟ୍ରିୟମ ମଞ୍ଚରେ ଆୟୋଜିତ ଉତ୍ସାହପ୍ରଦ କପୁଲ ଗେମସ ଦ୍ୱାରା ଅନୁପ୍ରାଣୀତ ହୋଇଥିଲେ ଏବଂ ଅଭିନବ ବ୍ରେକ୍‌ଅପ ରିକଭରି ବୁଥ ଦ୍ୱାରା ଯଥେଷ୍ଟ ଭାବରେ କୌତୁହଳୀ ହୋଇ ଏକକ ଯୋଡ଼ି ମାନଙ୍କୁ ଜୀବନରେ ଆହୁରି ଆଗକୁ ବଢ଼ିବା ପାଇଁ ଏକ ମଜାଦାର ତଥା ଅଭିବ୍ୟକ୍ତିପୂର୍ଣ୍ଣ ମାଧ୍ୟମର ଖୋରାକ ଯୋଗାଇଥିଲା । ଦିନର ମୁଖ୍ୟ ଆକର୍ଷଣ ଥିଲା ଏକ ଚିତାକର୍ଷକ ମ୍ୟାଜିକାଲ ବେଲୁନ ଡ୍ରପ ଯାହା ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକ ସାମୂହିକ ଉତ୍ସାହ ଭରିବା ସହିତ ଏହାକୁ ସେୟାର କରିବା ଭଳି ଅନେକଗୁଡିଏ ସ୍ମରଣୀୟ ମୁହୂର୍ତ ସୃଷ୍ଟି କରିଥିଲା ।

ସନ୍ଧ୍ୟା ହେବା ସହିତ, ଏକ ରୋମାଣ୍ଟିକ ଜୀବନ୍ତ ବ୍ୟାଣ୍ଡର ଦକ୍ଷତା ଏବଂ ଜାମିଙ୍ଗ ଅଧିବେଶନ ଏହି ଉତ୍ସବର ପରିବେଶକୁ ଆହୁରି ଦ୍ୱିଗୁଣିତ କରିଥିଲା । ଏଭଳି ଏକ ପର୍ବର ଆବେଗକୁ ଆହୁରି ଗଭୀର କରିବା ପାଇଁ ଆୟୋଜିତ ହୋଇଥିଲା ଜାପାନୀ କିଟିସୁଗି କର୍ମଶାଳା । ନିଜର ଦୋଷ-ଦୁର୍ବଳତାକୁ ଗ୍ରହଣ କରିବା ଏବଂ ପୁନର୍ବାର ସଜଡ଼ିବାର ଦର୍ଶନ ଉପରେ ଆଧାରିତ ଏହି କର୍ମଶାଳା, ପ୍ରେମ ଏବଂ ନୂତନତ୍ୱର ଭାବନାକୁ ସଠିକ୍ ଭାବେ ପ୍ରତିଫଳିତ କରିଥିଲା । ଏଥିସହିତ ଅତିଥିମାନେ ଲାଇଭ କାରୀକେଚ଼ର ବୁଥରେ ମଧ୍ୟ ପ୍ରବଳ ଭିଡ଼ ଜମାଇଥିଲେ, ଯେଉଁଠାରେ କଳାକାରମାନେ ଦମ୍ପତି ଏବଂ ବନ୍ଧୁମାନଙ୍କର ସୁନ୍ଦର ସୁନ୍ଦର ଚିତ୍ର ପ୍ରସ୍ତୁତ କରିଥିଲେ । ମନୋରନ, ସୃଜନଶୀଳତା ଏବଂ ଭାବପୂର୍ଣ୍ଣ କାହାଣୀର ଏକ ଚମତ୍କାର ମିଶ୍ରଣ ସହିତ, ନେକ୍ସସ ଏସପ୍ଲାନେଡ୍ ମଲ ସଫଳତାର ସହ ଏକ ପ୍ରଭାବଶାଳୀ ଭାଲେଣ୍ଟାଇନ୍ସ ଡ଼େ ପାଳନ କରିଛି ଯାହା, ଭୁବନେଶ୍ୱରରେ ଏକ ପ୍ରମୁଖ ଲାଇଫଷ୍ଟାଇଲ ଏବଂ କମ୍ୟୁନିଟି-ଇଭେଣ୍ଟ ହବ୍ ଭାବରେ ନିଜର ସ୍ଥାନକୁ ପୁଣି ଥରେ ପ୍ରମାଣିତ କରିଛି ।




# ହନୁମାନକାଇଣ୍ଡ ଏବଂ ଥମସ ଅପ ପକ୍ଷରୁ ଭାରତ ବନାମ ପାକିସ୍ତାନ ଆଇସିସି ପୁରୁଷ ଟି୨୦ ବିଶ୍ୱକପରେ ଉନ୍ମାଦନା

**ନୂଆଦିଲ୍ଲୀ, ୧୭।୨ (ନି.ପ୍ର):** କିଛିଦିନ ଜବରଦସ୍ତ କାମ କରିବା ପାଇଁ ହୋଇଥାଏ, କିନ୍ତୁ ଅନ୍ୟ କିଛିଦିନ ସମ୍ପୂର୍ଣ୍ଣ ଥଣ୍ଡା ଦାବି କରିଥାଏ । ଯେତେବେଳେ ଏହା ଭାରତ ବନାମ ପାକିସ୍ତାନ କ୍ରିକେଟ ମ୍ୟାଚ୍, ସେତେବେଳେ ନିଜକୁ ପ୍ରଦର୍ଶିତ କରିବାର ଗୋଟିଏ ଉପାୟ ଅଛି ଯାହା ହେଉଛି ତୁଫାନି । ନିଜର କିଛି ସଙ୍ଗୀତ ଦର୍ଶନ ଆଜ କୁଛ ତୁଫାନି କରତେ ହେଁ କୁ ବଜାୟୀ ରଖି ଥମସ ଅପ ଭାରତ-ପାକିସ୍ତାନ ଆଇସିସି ପୁରୁଷ ଟି୨୦ ବିଶ୍ୱକପ ମ୍ୟାଚ୍‌କୁ ଏକ ଝଡ଼ ପରି ଚିତାକର୍ଷକ ମୁହୂର୍ତରେ ପରିଣତ କରିଛି । ପ୍ରସିଦ୍ଧ ଆଇକନିକ୍ ହିପ-ହକ କଳାକାର ହନୁମାନକାଇଣ୍ଡ ଷ୍ଟାଡ଼ିୟମକୁ ନିଜ କବ୍‌ଜାକୁ ନେଇ ମ୍ୟାଚ୍ ଦିନର ଶକ୍ତିକୁ ଏକ ସମ୍ପୂର୍ଣ୍ଣ ଟେଷ୍ଟ ଦି ଥଣ୍ଡର ମୁହୂର୍ତରେ ବଦଳାଇ ଦେଇଥିଲେ । ଏକ ଭରପୁର ଷ୍ଟାଡ଼ିୟମର ପୃଷ୍ଠଭୂମିରେ, ହନୁମାନକାଇଣ୍ଡ ଥମସ ଅପର ସଦ୍ୟତମ ଆନଥେମ ଟେଷ୍ଟ ଦି ଥଣ୍ଡର ସହିତ ନିଜର କିଛି ମନୋନୀତ ଗୀତ ପରିବେଷଣ କରିଥିଲେ । ମ୍ୟାଚ୍‌ର ତୀବ୍ରତା ସହ ତାଳ ଦେଇ ହନୁମାନକାଇଣ୍ଡଙ୍କ ପ୍ରଦର୍ଶନ ଥମସ ଅପର ସେହି ଦୁର୍ଦ୍ଦଷ ଭାବନାକୁ ଷ୍ଟାଡ଼ିୟମ ଏବଂ ଟିଭି ପରଦାରେ ଜୀବନ୍ତ କରିଥିଲା । ଥମସ ଅପର ସିଗ୍‌ନେଚ଼ର ଗତାନୁଗତିକ ଉତ୍କୃଷ୍ଟ ଦୃଶ୍ୟମାନତା ଏଲଇଡ଼ି ପରଦାରେ ପ୍ରଦର୍ଶିତ ହେବା ସହ କାଉଂଟଡ଼ାଉନ ଆରମ୍ଭ ହୋଇଥିଲା । ହନୁମାନକାଇଣ୍ଡ ଷ୍ଟେଜକୁ ଆସିବା ମାତ୍ରେ ଲାଇଟ, ଧୂଆଁ ଏବଂ ଆକାଶ ମାର୍ଗରେ କୋରିଓଗ୍ରାଫି ପରିବେଶକୁ ଅଧିକ ଦମଦାର କରିଥିଲା । କାର୍ଯ୍ୟକ୍ରମଟି କିଙ୍ଗସ ୟୁନାଇଟେଡ଼ ଇଣ୍ଡିଆ ନୃତ୍ୟ ଦଳଙ୍କ ଦ୍ୱାରା ଏକ ଉଚ୍ଚ ଶକ୍ତିର ଫିନାଲେ ସହିତ ଶେଷ ହୋଇଥିଲା, ଯାହା ସମଗ୍ର ଜନତାଙ୍କୁ ତୁଫାନୀ ନାରାରେ ମସଗୁଲ କରିଦେଇଥିଲା ।

ହନୁମାନକାଇଣ୍ଡ କହିଛନ୍ତି, 'ଏଭଳି ଏକ ମ୍ୟାଚ୍‌ରେ ପ୍ରଦର୍ଶନ କରିବା ଅବିଶ୍ୱସନୀୟ ଠାରୁ ଆଉ କିଛି ହୋଇନଥାଏ । ଆପଣ ପରିବେଶରେ ସେହି ଉନ୍ମାଦନାକୁ ଅନୁଭବ କରିପାରିବେ । ଥମସ ଅପ ସହିତ ଏହା କରିବା ସ୍ୱତନ୍ତ୍ର ଅଟେ, ଯାହା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଭଲ ସମୟ । ଏକ ସାଂସ୍କୃତିକ ସହଯୋଗ ଟେଷ୍ଟ ଦି ଥଣ୍ଡର ଗୀତରେ ହନୁମାନକାଇଣ୍ଡଙ୍କ ଷ୍ଟ୍ରିଟ ସଂସ୍କରଣ ତଥା ବିଶାଳ ଦାଦଲାନୀଙ୍କ ଦମଦାର ସ୍ୱରର ସମିଶ୍ରଣ ରହିଛି । ମୁମ୍ବାଇର ଏକ ପ୍ରେସ ଶୋକେସରେ ନିକଟରେ ଲଂଚ୍ ହୋଇଥିବା ଏହି ଗୀତଟି ଏହାର ନିଆରା ଶବ୍ଦ ଏବଂ ନିର୍ଭିକ ଶୈଳୀ ପାଇଁ ଲୋକପ୍ରିୟ ହେବାରେ ଲାଗିଛି । ସୁମେଲି ଚଟାର୍ଜୀ, କ୍ୟାଟେଗୋରୀ ହେଡ୍, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟଏସିଆ, ମତରଖି କହିଛନ୍ତି, 'ଏଭଳି ଏକ ମ୍ୟାଚ୍ କ୍ରିକେଟ ଇତିହାସରେ ଏକ ସ୍ମରଣୀୟ ମୁହୂର୍ତ ହୋଇ ରହିବ । ଷ୍ଟାଡ଼ିୟମର ପରିବେଶ ସମ୍ପୂର୍ଣ୍ଣ ବୈଦ୍ୟୁତିକ ଥିଲା । ଥମସ ଅପ ସବୁବେଳେ କ୍ରିକେଟର ଏଭଳି ଉତ୍ସାହର ଅଂଶ ହୋଇ ରହି ଆସିଛି । ହନୁମାନକାଇଣ୍ଡ ନିଜର ଶକ୍ତିଶାଳୀ ଅନ୍ଦାଜରେ ଆଜ କୁଛ ତୁଫାନି କରତେ ହେଁ କୁ ଏହି ମ୍ୟାଚ୍ ପାଇଁ ଏକ ସଠିକ୍ ଆହ୍ୱାନରେ ପରିଣତ କରିଛନ୍ତି । ପଡ଼ିଆରେ କ୍ରିକେଟ ଏବଂ ଷ୍ଟାଣ୍ଡରେ ସଙ୍ଗୀତ ସହିତ, ହନୁମାନକାଇଣ୍ଡଙ୍କ ପ୍ରଦର୍ଶନ ମ୍ୟାଚ୍ ଦିନର ମନୋରନକୁ ଏକ ନୂଆ ସ୍ତରକୁ ନେଇ ଯାଇଛି । ଥମସ ଅପ ପୁଣି ଥରେ ପ୍ରମାଣିତ କରିଛି ଯେ ଯେଉଁଠାରେ ଉତ୍ସାହ ସୀମା ଟପିଯାଏ, ସେଠାରେ କେବଳ ଗୋଟିଏ ଜିନିଷ ଖାପ ଖାଏ ତାହା ହେଉଛି ତୁଫାନ ।



